visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK  पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.169 Bhubaneswar Thursday, August 19, 2021 | ୨୪ତମ ବର୍ଷ ସଂଖ୍ୟା-୧୬୯ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ବେଙ୍ଗାଲୋରଠାରେ ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ ଏମଏସ ରାମାୟା ଗ୍ରୁପ ଅଫ ଇନ୍ଷ୍ଟିଚ୍ୟୁଟର ଅଧ୍ୟକ୍ଷ ଏମ.ଆର. ଜୟ ରାମଙ୍କୁ 'ସାର୍ ଏମ. ବିଶେଶ୍ୱରାୟ ମେମୋରିଆଲ ପୁରସ୍କାର' ପ୍ରଦାନ କରୁଅଛନ୍ତି। ପାର୍ଶ୍ୱରେ କର୍ଣ୍ଣାଟକ ରାଜ୍ୟପାଳ ଟି. ଗେହଲଟ୍ ଏବଂ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଉପସ୍ଥିତ

## ବଜେଟ୍ ଅର୍ଥକୁ ଧାର୍ଯ୍ୟ ସମୟରେ ଖର୍ଚ୍ଚ କରିବାକୁ ସମବାୟ ମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮।୮(ପି.ଏନ): ୫-'ଟି'କୁ କଡ଼ାକଡ଼ି ଭାବେ ଅନୁପାଳନ କରି ବିଭିନ୍ନ ଯୋଜନାର ଲାଭ ହିତାଧିକାରୀଙ୍କ ନିକଟରେ ପହଂଚାଇବା ଓ ବଜେଟ୍ ରେ ଆବଂଟିତ ଅର୍ଥକୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଖର୍ଚ୍ଚ କରି ଏହାର ଉଦ୍ଦିଷ୍ଟ ଲକ୍ଷ୍ୟ ପୂରଣ କରିବା ପାଇଁ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଲୋକସେବା ଭବନଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସମବାୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ୫-'ଟି' କାର୍ଯ୍ୟ ଖସଡ଼ାର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ବିଭାଗର କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମନ୍ତ୍ରୀ କହିଛନ୍ତି । ସମବାୟ ବିଭାଗ ଅଧୀନସ୍ଥ ପ୍ରାଥମିକ କୃଷି ସମବାୟ ସମିତି ଚାଷୀମାନ ଙ୍କୁ ସାର, ବିହନ, ଫସଲ ଋଣ ଯୋଗାଇବା ସହ ଚାଷୀମାନ ଙ୍କ ଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରି ଧାନ, ଡାଲି ଓ ତୈଳବୀଜ ସଂଗ୍ରହ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରୁଥିବା ପରିପ୍ରେକ୍ଷୀରେ ପ୍ୟାକ୍ସ/ ଲ୍ୟାମ୍ପସ୍ ର ପୁନର୍ଗଠନକୁ ପ୍ରାଥମିକତା ପ୍ରଦାନ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ଏହି ଅବସରରେ ପ୍ୟାକ୍ସଗୁଡ଼ିକର ସଂପୂର୍ଣ୍ଣ କମ୍ପ୍ୟୁଟରାଇଜେସନ୍ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ବିଭାଗ ଅଧୀନରେ ଥିବା ୱେୟାରହାଉସ୍ ଗୁଡ଼ିକର ଡିଜିଟାଇଜେସନ୍ ଓ ସମବାୟ ବ୍ୟାଙ୍କର ଦେଣନେଣ କାରବାରରେ ଆଧୁନିକ ମାଇକ୍ରୋ ପେମେଂଟ ସିଷ୍ଟମର ପ୍ରଚଳନ କାର୍ଯ୍ୟକୁ ଶେଷ କରିବା ପାଇଁ କହିଥିଲେ । ଏଥି ସହିତ ମାଇକ୍ରୋ ଏଟିଏମ୍ ସ୍ଥାପନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଇ-ନାମ୍ ଜରିଆରେ ଚାଷୀମାନେ ବଜାରରେ ସେମାନଙ୍କ ଦ୍ରବ୍ୟ ସହଜରେ ବିକ୍ରି କରିପାରିବା ନିମନ୍ତେ ଇ-ନାମକୁ ଅଧିକ ବ୍ୟାପକ କରିବା ପାଇଁ ମନ୍ତ୍ରୀ କହିଥିଲେ ।ମନ୍ତ୍ରୀ ଶ୍ରୀ ସ୍ୱାଇଁ ବୈଠକରେ ସମବାୟ ବିଭାଗର ଗତବର୍ଷ ଓ ଚଳିତ ବର୍ଷର ବଜେଟ୍‌ରେ ଆବଂଟିତ ଅର୍ଥର ଖର୍ଚ୍ଚର ସମୀକ୍ଷା କରିଥିଲେ । ଏଥିରେ ନୂତନ ଗୋଦାମ ଗୃହ ନିର୍ମାଣ, କାର୍ଯ୍ୟାଳୟ ନିର୍ମାଣ ଓ ବିଭିନ୍ନ ସ୍ଥାନରେଭିତିଭୂମି ପ୍ରତିଷ୍ଠାର ଅଗ୍ରଗତି ସଂପର୍କରେ ସମୀକ୍ଷା କରି ନିର୍ମାଣାଧୀନ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷକରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା ସଂପର୍କରେ ଜନସଚେତନତା ସୃଷ୍ଟି ନିମନ୍ତେ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟ, କର୍ମଚାରୀମାନଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ନିୟମିତ ପ୍ରଶିକ୍ଷଣ ବ୍ୟବସ୍ଥା, ପ୍ୟାକ୍ସ କର୍ମଚାରୀମାନଙ୍କର ପ୍ରଶିକ୍ଷଣ ଆଦିର ସମୀକ୍ଷା ହୋଇଥିଲା । ଏଥି ସହିତ ଅଡିଟ୍ କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏତଦ୍‌ବ୍ୟତୀତ ବୈଠକରେ ମାର୍କଫେଡ୍‌ର ପୁନର୍ବିନ୍ୟାସ କାର୍ଯ୍ୟର ଅଗ୍ରଗତି ସଂପର୍କରେ ଆଲୋଚନା ହୋଇଥିଲା। ବୈଠକରେ ସମବାୟ ସମିତି ସମୂହର ନିବନ୍ଧକ ସୁଶାନ୍ତ କୁମାର ବାରିକ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ସମବାୟ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଭରତଚନ୍ଦ୍ର ବେହେରା, ଅତିରିକ୍ତ ଶାସନ ସଚିବ ସୁଦର୍ଶନ ସେଠୀ, ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ଗର୍ଡ଼ିଆ, ମାର୍କଫେଡ୍ ର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ,ବିତ ପରାମର୍ଶଦାତା ଦୀପା ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜେପିରେ ୩ ନୂଆ ମୁଖପାତ୍ର ନିଯୁକ୍ତ

ଭୁବନେଶ୍ୱର, ୧୮।୮(ପି.ଏନ): ଦଳୀୟ ମିଡଆ ବିଭାଗକୁ ଆହୁରି ଅଧିକ ସୁଦୃଢ କରିବା ପରିପ୍ରେକ୍ଷୀରେ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ୩ ଜଣଙ୍କୁ ରାଜ୍ୟ ମୁଖପାତ୍ର ଦାୟୀତ୍ୱ ପ୍ରଦାନ କରାଯାଇଛି ।ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ରମାରଂଜନ ବଳିୟାରସିଂହ, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ ଉପାଧ୍ୟକ୍ଷା ଶ୍ରୀମତୀ ଉର୍ମିଳା ମହାପାତ୍ର ଏବଂ ଯୁବନେତା ରାଜେନ୍ଦ୍ର ପଣ୍ଡାଙ୍କୁ ରାଜ୍ୟ ମୁଖପାତ୍ର ଦାୟୀତ୍ୱ ପ୍ରଦାନ କରାଯାଇଛି ।

## ୟୁଟ୍ୟୁବ୍ ରେ ପାଠ ପଢିବେ ଯୁକ୍ତ ୨ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୮।୮(ପି.ଏନ): ଏଣିକି ୟୁଟ୍ୟୁବ୍ ରେ ପାଠ ପଢିବେ ଯୁକ୍ତ ୨ ଛାତ୍ରଛାତ୍ରୀ। ଉଭୟ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀ ପିଲା ୟୁଟ୍ୟୁବ୍ ରୁ ପାଠ ପଢିବେ ବୋଲି ସୂଚନା ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ । ପୂର୍ବରୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ୟୁ ଟ୍ୟୁବରେ ପାଠ ପଢିବା ପରେ ସଫଳତା ମିଳିଛି । ଏଣୁ ଯୁକ୍ତ ଦୁଇ ପିଲାଙ୍କୁ ୟୁ ଟ୍ୟୁବରେ ପାଠ ପଢାଇବା ପାଇଁ ନିଷ୍ପତି ହୋଇଛି ।ଯେଉଁମାନେ କରୋନା ପାଇଁ କ୍ଲାସ କରିପାରୁ ନାହାଁନ୍ତି ସେମାନେ ଘରେ ରହି ୟୁ ଟ୍ୟୁବରେ ସମସ୍ତ ସିଲାବସ ପଢ଼ିପାରିବେ। ଯାହା ଫଳରେ ଛାତ୍ରଛାତ୍ରୀ ମାନେ ଅଧିକ ଉପକୃତ ହୋଇପାରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

## ଗୋଟିଏ ଦିନରେ ୯୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୮।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୯୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୭୧୪୬ ବୃଦ୍ଧି ପାଇଛି। ୧୮ ବର୍ଷରୁ କମ ୧୩୮ ଜଣ ସଂକ୍ରମିତ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୮୦୪୭୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୯୫୩୬ ରହିଛି। ଆଜି ଚିହ୍ନଟ ହୋଇଥିବା ୯୯୩ ଜଣଙ୍କ ମଧ୍ୟରୁ ୫୭୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୪୧୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନୁଗୋଳ ଜିଲ୍ଲାରୁ ୧୮, ବାଲେଶ୍ୱରରୁ ୩୦, ବରଗଡ଼ରୁ ୧୦, ଭଦ୍ରକ୍ ରୁ ୧୨, ବଲାଙ୍ଗୀରରୁ ୧୩, ବୌଦ୍ଧରୁ ୧, କଟକରୁ ୯୫, ଦେବଗଡରୁ ୪, ଢେଙ୍କାନାଳରୁ ୩୨, ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତିଜିଲ୍ଲାରୁ ୧, ଗଞ୍ଜାମରୁ ୫ ଜଗତସିଂହପୁରରୁ ୫୧, ଯାଜପୁରରୁ ୬୦, ଝାରସୁଗୁଡାରୁ ୨ କଳାହାଣ୍ଡିରୁ ୭, କନ୍ଧମାଳରୁ ୭, କେନ୍ଦ୍ରାପଡ଼ାରୁ ୧୫, କେନ୍ଦୁଝରରୁ ୧୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଖୋର୍ଧା ଜିଲ୍ଲାରୁ ୪୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନାଗିରିରୁ ୧, ମୟୁରଭଞ୍ଜରୁ ୪୨ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧, ନୟାଗଡରୁ ୧୬ , ନୂଆପଡାରୁ ୧, ପୁରୀରୁ ୨୫, ରାୟଗଡାରୁ ୩, ସମ୍ବଲପୁରରୁ ୧୧, ସୁବର୍ଣ୍ଣପୁରରୁ ୫, ସୁନ୍ଦରଗଡରୁ ୮ ଓ ଷ୍ଟେଟପୁଲରୁ ୯୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଆଡମିସନ, ରିଆଡମିସନ ଓ ପରୀକ୍ଷା ଫିସ ବୃଦ୍ଧି ନକରିବାକୁ ଏବିଭିପିର ଦାବି

ଭୁବନେଶ୍ୱର,୧୮।୮(ପି.ଏନ): ମହାମାରୀ ସମୟରେ ଛାତଛାତ୍ରୀ ଅର୍ଥନୈତିକ ଅନଗ୍ରସରତାର ଦେଇ ଗତି କରୁଥିବା ବେଳେ ଆଡମିସନ, ରିଆଡମିସନ, ଓ ପରୀକ୍ଷା ଫିସରୁ ଅତିରିକ୍ତ ବୋଝକୁ ବାଦ୍ ଦେବା ନିମନ୍ତେ ଏବିଭିପି ରାଜ୍ୟ ସରକାରାଙ୍କ ନିକଟରେ ଦାବି କରିଛି । ରାଜ୍ୟ ସମ୍ପାଦକ ସୌଭାଗ୍ୟ ମହାନ୍ତି ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ କରୋନା ମହାମାରୀ ପରିବାରର ରୋଜଗାର ପନ୍ଥାକୁ ଛଡାଇ ନେଇଛି। ଶିକ୍ଷାକ୍ଷେତ୍ର ମଧ୍ୟ ବିଶେଷ ଭାବରେ ପ୍ରଭାବିତ ହୋଇଛି । ଆର୍ଥିକ ଅନଗ୍ରସର ଭିତରେ ବିଦ୍ୟାର୍ଥୀମାନେ ଗତି କଲା ବେଳେ ଶିକ୍ଷାନୁଷ୍ଠାନ ଖୋଲୁ ଖୋଲୁ ଆଡମିସନ, ରିଆଡମିସନ ଓ ପରୀକ୍ଷା ଫିସ ମଧ୍ୟରେ ନିଆଯାଉଥିବା ଅତିରିକ୍ତ ଅନାବଶ୍ୟକ ଦେୟ ବୋଝ ଉପରେ ଲଳିତା ବିଡା ସଦୃଶ ଛାତ୍ରଛାତ୍ରୀମାନଙ୍କୁ ମାନସିକ ଯନ୍ତ୍ରଣା ଦେଉଛି। କଲେଜର ଉନ୍ନତି କରଣ ନିମନ୍ତେ ଛାତ୍ରଛାତ୍ରୀଙ୍କ ଉପରେ ବୋଝ ନ ଲଦି ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ପ୍ୟାକେଜ ମାଧ୍ୟମରେ ତାହାକୁ ପୂର୍ତ୍ତି କରିବା ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦାବି କରିଛି । ସେହିପରି ଟ୍ୟୁସନ ଫିସକୁ ଛାଡି ଅନ୍ୟ ସବୁ ପ୍ରକାରର ଫିକୁ କଲେଜ କର୍ତ୍ତୃପକ୍ଷ ଛାଡ କରନ୍ତୁ ବୋଲି ସଂଗଠନ ଦାବି କରିଛି।

## ଆଜିଠୁ ଦେଶବ୍ୟାପୀ 'ଜନ ଆଶୀର୍ବାଦ ଯାତ୍ରା' : ୩ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ୨ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୮।୮(ପି.ଏନ): ଆସନ୍ତାକାଲି (ଗୁରୁବାର) ଠାରୁ ଦେଶବ୍ୟାପୀ ଆରମ୍ଭ ହେବାକୁ ଯାଉଛି ବିଜେପିର ଜନ ଆଶୀର୍ବାଦ ଯାତ୍ରା। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କେନ୍ଦ୍ରମନ୍ତ୍ରୀମାନେ ଦେଶର ପ୍ରାୟ ୨୧୨ଟି ସଂସଦୀୟ କ୍ଷେତ୍ରକୁ ଯାଇ ଜନ ଆଶୀର୍ବାଦ ଲୋଡିବେ। ଏହି ଜନ ଆଶୀର୍ବାଦ ଯାତ୍ରା ୧୪୨ ଦିନ ଯାଏଁ ଚାଲିବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତି ଅନୁଧ୍ୟାନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସଂପର୍କରେ ସାଧାରଣ ଲୋକଙ୍କୁ ଅବଗତ ମଧ୍ୟ କରିବେ ।ଜନ ଆଶୀର୍ବାଦ ଯାତ୍ରା ଅବସରରେ ଆସନ୍ତାକାଲି ୨ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଶ୍ୱିନୀ ବୈଷ୍ଣବ ୩ ଦିନିଆ ଗସ୍ତରେ ଆସୁଛନ୍ତି । ୧୯ ତାରିଖ ସକାଳେ ଉଭୟ ମନ୍ତ୍ରୀ ଭୁବନେଶ୍ୱରଠାରେ ପହଂଚିବା ପରେ ସିଧାସଳଖ ପୁରୀ ଗସ୍ତ କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବେ । କେନ୍ଦ୍ରମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ୧୯ ତାରିଖ ସଂଧ୍ୟାରେ ରେଳ ଯୋଗେ ରାୟଗଡା ଗସ୍ତ କରିବେ। ୨୦ ତାରିଖ ସକାଳୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କୋରାପୁଟ ଗସ୍ତ କରି ରାତ୍ରଯାପନ କରିବେ ।୨୧ ତାରିଖରେ ଜୟପୁର, ନବରଙ୍ଗପୁର ଦେଇ ଗସ୍ତ କରି ଭବାନୀପାଟଣାରେ ରାତ୍ରଯାପନ କରିବେ । ୨୨ ତାରିଖ ଦିନ ଶ୍ରୀ ବୈଷ୍ଣବ କେସିଙ୍ଗା, ଟିଟିଲାଗଡ, କଂଟାବାଞ୍ଜୀ, ପାଟଣାଗଡ ଦେଇ ବଲାଙ୍ଗୀରଠାରେ ପହଂଚିବେ । ୨୨ ତାରିଖ ସଂଧ୍ୟାରେ ଶ୍ରୀ ବୈଷ୍ଣବ ବଲାଙ୍ଗୀରରୁ ଭୁବନେଶ୍ୱର ଫେରି ଆସି ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ। ଏହି ଜନ ଆଶୀର୍ବାଦ ଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ୭ଟି ଜିଲ୍ଲା, ୬ଟି ଲୋକସଭା ଅଂଚଳରେ ୧୧୫ଟି ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ସଭା ଓ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଜିଲ୍ଲାର ବିଭିନ୍ନ ସ୍ଥାନ ଗସ୍ତ କରିବେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada


## ୨୦୨୨ ଜୁଲାଇ ସୁଦ୍ଧା ଶେଷ ହେବ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ କାର୍ଯ୍ୟ

ରାଉରକେଲା/ଭୁବନେଶ୍ୱର, ୧୮।୮(ପି.ଏନ): ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଓଡ଼ିଶା ନିର୍ଦ୍ଦେଶିକା ଶ୍ରୀମତୀ ଶାଳିନୀ ପଣ୍ଡିତ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ତଥା କ୍ରୀଡ଼ା ବିଭାଗ ସଚିବ ଆର. ଭିନିଲ କ୍ରିଷ୍ଣା ବୁଧବାର ରାଉରକେଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଉଚ୍ଚ ପ୍ରତିନିଧି ଦଳ ରାଉରକେଲାରେ ନିର୍ମାଣାଧୀନ ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ, ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ, ଫୁଟବଲ୍ ଖେଳ ସହ ଆଥ୍ ଲେଟିକ୍ସ ପାଇଁ ନିର୍ମାଣାଧୀନ ବିର୍ସା ମୁଣ୍ଡା ଷ୍ଟାଡିୟମ ସହିତ ସାଇନ୍ସ ପାର୍କ ଏବଂ ପ୍ଲାନେଟାରିୟମ୍ କାର୍ଯ୍ୟ ବୁଲି ଦେଖିଛନ୍ତି । ଏହା ସହିତ ରାଉରକେଲାର ବସ୍ତି ବାସିନ୍ଦାଙ୍କ ଥଇଥାନ ପାଇଁ ତିଆରି ହେଉଥିବା ବାସୋପଯୋଗୀ ପ୍ରକଳ୍ପସ୍ଥଳ ମଧ୍ୟ ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ପ୍ରକଳ୍ପ ସ୍ଥାନ ପରିଦର୍ଶନ କରିବା ପରେ ଏହି ଟିମ୍ ସୁନ୍ଦରଗଡ଼ ଜିଲ୍ଲାପାଳ, ରାଉରକେଲା ଏଡିଏମ୍ ତଥା ମହାନଗର ନିଗମ କମିଶନର ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ବିମାନବନ୍ଦରଠାରେ ସମୀକ୍ଷା କରିଥିଲେ ।ସମୀକ୍ଷା ପରେ ମୁଖ୍ୟ ଶାସନ ସଚିବ କହିଥିଲେ ଯେ 'ରାଉରକେଲାରେ ନିର୍ମାଣାଧୀନ ଅନ୍ତର୍ଜାତୀୟ ହକି ଷ୍ଟାଡିୟମକୁ ୨୦୨୨ ଜୁଲାଇ ସୁଦ୍ଧା ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଏହାଛଡ଼ା ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମର ନିର୍ମାଣ କାମ ମଧ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି । ନିର୍ମାଣାଧୀନ ବିର୍ସା ମୁଣ୍ଡା ଷ୍ଟାଡିୟମ ଫୁଟବଲ ଖେଳ ସହ ଆଥଲେଟିକ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ସେଠାରେ ୪୦୦ ମିଟର ବିଶିଷ୍ଟ ଆଥଲେଟିକ୍ ଟ୍ରାକ୍ ନିର୍ମାଣ କରାଯାଉଛି। ଏତଦବ୍ୟତୀତ ସ୍ମାର୍ଟ ସିଟି ଅଧୀନରେ ମଧ୍ୟ ଅନେକ ପ୍ରକଳ୍ପ ଚାଲିଛି। ତେଣୁ ବିଶ୍ୱକପ୍ ହକିକୁ ଦୃଷ୍ଟିରେ ରଖି ରାଉରକେଲାରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି", ସେହିପରି ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ ପକ୍ଷରୁ ରାଉରକେଲା ଏୟାରପୋର୍ଟର ସଂପ୍ରସାରଣ କାର୍ଯ୍ୟ ଜାରି ରହିଛି। ସେଠାରେ ଟର୍ମିନାଲ ବିଲ୍ଡିଂ ମଧ୍ୟ ନିର୍ମାଣ କରାଯିବ। ଏହାକୁ ଆଗାମୀ ୨୦୨୨ ମେ' ମାସ ସୁଦ୍ଧା ଶେଷ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଛେଣ୍ଡଠାରେ ତିଆରି ହେଉଥିବା ସାଇନ୍ସ ପାର୍କ ଓ ପ୍ଲାନେଟାରିୟମ କାର୍ଯ୍ୟ ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଛି ।ଏହି ଗସ୍ତ ଅବସରରେ ମୁଖ୍ୟ ଶାସନ ସଚିବ ଓ,୫ ଟିସଚିବ ରାଉରକେଲାରେ କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଥିଲେ। ଗଣମାଧ୍ୟମକୁ ମୁଖ୍ୟ ଶାସନ ସଚିବ କହିଥିଲେ ଯେ,ବର୍ତମାନ ରାଉରକେଲାରେ ଜେ ପି ହସ୍ପିଟାଲକୁ ସରକାରୀ କୋଭିଡ୍ ହସ୍ପିଟାଲ ଭାବେ କାର୍ଯ୍ୟକ୍ଷମ ରଖାଯାଇଛି । ସେହିପରି ସୁନ୍ଦରଗଡ଼ରେ ଏନଟିପିସି କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସ୍ତୁତ ରହିଛି। ସମ୍ଭାବ୍ୟ ତୃତୀୟ ଲହରକୁ ଦୃଷ୍ଟିରେ ରଖି ପ୍ରଶାସନ ସବୁ ଦୃଷ୍ଟିରୁ ପ୍ରସ୍ତୁତ ରହିଛି ।ଏହି ସଚିବସ୍ତରୀୟ ପ୍ରତିନିଧି ଦଳ ପ୍ରଥମେ ବିପିୟୁଟି କ୍ୟାମ୍ପସରେ ନିର୍ମାଣ ଚାଲିଥିବା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମର କାର୍ଯ୍ୟ ବୁଲି ଦେଖିଥିଲେ। ନିର୍ଦ୍ଧାରିତ ସମୟ ଅନୁଯାୟୀ ସମସ୍ତ କାର୍ଯ୍ୟ ଯେପରି ସମ୍ପାଦନ କରାଯିବ ସେଥିପାଇଁ ମୁଖ୍ୟ ଶାସନ ସଚିବ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୩ରେ ହେବାକୁ ଥିବା ପୁରୁଷ ହକି ବିଶ୍ୱକପ୍ ଭୁବନେଶ୍ୱର ସହିତ ରାଉରକେଲାର ଏହି ଷ୍ଟାଡିୟମରେ ଆୟୋଜନ କରାଯିବ। ଏକାସାଙ୍ଗରେ ଏଠାରେ ୨୦ ହଜାର ଦର୍ଶକ ବସି ଖେଳ ଉପଭୋଗ କରିପାରିବେ ।ହକି ସହିତ ବିଭିନ୍ନ କ୍ରୀଡ଼ାର ବିକାଶ ଲାଗି ସହରରେ ଯେଉଁ ଅତ୍ୟାଧୁନିକ ଭିତିଭୂମି ନିର୍ମାଣ କରାଯାଉଛି ତାହା ସ୍ମାର୍ଟ ସିଟି ରାଉରକେଲାକୁ ଆଗାମୀ ଦିନରେ ଦେଶର ଏକ ପ୍ରମୁଖ କ୍ରୀଡ଼ା ହବ୍ ଭାବେ ପରିଚିତ କରାଇବ। ପାନପୋଷଠାରେ ବ୍ୟାଡମିଂଟନ ଏବଂ ଲନ୍ ଟେନିସ୍ ଖେଳର ପ୍ରସାର ପାଇଁ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ ନିର୍ମାଣ କରାଯାଉଛି। ଏଠାରେ ୩ଟି ଇନଡୋର ବ୍ୟାଡମିଂଟନ କୋର୍ଟ ସହିତ ଆଉଟଡୋର ଲନ୍ ଟେନିସ୍ କୋର୍ଟ ରହିଛି। ଖେଳାଳିମାନଙ୍କ ଫିଟନେସ୍ ପାଇଁ ଅତ୍ୟାଧୁନିକ ଜିମ୍ ର ବ୍ୟବସ୍ଥା କରାଯାଉଛି। ସେହିପରି ଫୁଟବଲ ଖେଳ ସହ ଆଥ୍ ଲେଟିକ୍ସ ପାଇଁ ବିର୍ସା ମୁଣ୍ଡା ଷ୍ଟାଡିୟମ ତିଆରି କରାଯାଉଛି ।ସହରାଂଚଳର ଗରିବ ବସ୍ତି ବାସିନ୍ଦାଙ୍କୁ ବାସୋପଯୋଗୀ ଘର ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ? ତେଣୁ ରାଉରକେଲାରେ ଏଥିପାଇଁ ଅତି ସ୍ୱଳ୍ପ ମୂଲ୍ୟରେ ଘର ଯୋଗାଇ ଦେବାକୁ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି? ଏହି ପ୍ରତିନିଧି ଦଳ ଆଜି ଛେଣ୍ଡଠାରେ ପ୍ରାୟ ୫ ଏକର ଜମିରେ ଚାଲିଥିବା ଏହି ଆବାସ ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ। ରାଉରକେଲା ମହାନଗର ନିଗମ ଅଂଚଳରେ ୫ଟି ପ୍ରକଳ୍ପ କରାଯାଉଛି, ଯେଉଁଠି ବସ୍ତି ବାସିନ୍ଦାଙ୍କ ପାଇଁ ପ୍ରାୟ ୩ ହଜାର ଘର ନିର୍ମାଣ କରାଯିବ। ଏହି ଗସ୍ତ ବେଳେ ୫ଟି ସଚିବ କହିଥିଲେ ଯେ, ଯେତେଶୀଘ୍ର ସମ୍ଭବ ହିତାଧିକାରୀମାନଙ୍କୁ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଘର ଚିହ୍ନଟ କରି ଜଣାଇ ଦେବା ପାଇଁ ଶ୍ରୀ ପାଣ୍ଡିଆନ୍ ନିର୍ଦ୍ଦେଶ ଦେଇଥିଲେ । ଯାହା ଫଳରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ହିତାଧିକାରୀମାନେ ନିଜ ନିଜ ଘରର ଗୁଣାତ୍ମକ ମାନ ତଦାରଖ କରିପାରିବେ ।ଏହି ଗସ୍ତ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନର ପ୍ରସାର ପାଇଁ ଛେଣ୍ଡଠାରେ ପ୍ରାୟ ୮ ଏକର ଜମିରେ ଚାଲିଥିବା ସାଇନ୍ସ ପାର୍କ ଏବଂ ପ୍ଲାନେଟାରିୟମର ନିର୍ମାଣ କାର୍ଯ୍ୟ ମଧ୍ୟ ସଚିବସ୍ତରୀୟ ପ୍ରତିନିଧି ଦଳ ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ, ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦିବ୍ୟଜ୍ୟୋତି ପରିଡ଼ା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଉଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ



କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି ।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ୍' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୧୯**

## ଓଡ଼ିଆ ଜାତିର ଜ୍ୟୋତିର୍ବିଦ୍ ସାମନ୍ତ ଚନ୍ଦ୍ରଶେଖର

ବ୍ରିଟିଶ୍ ଶାସନ ସମୟରେ ଓଡ଼ିଆ ଭାଷୀ ଦେଶୀୟ ରାଜ୍ୟଗୁଡ଼ିକ ମଧ୍ୟରେ ଖଣ୍ଡପଡା ଏକ ରାଜ୍ୟ। ଇଂରେଜମାନଙ୍କ ଅଧୀନରେ ଜଣେ ଦେଶୀୟ ରାଜା ଖଣ୍ଡପଡାର ଶାସନ କରୁଥିଲେ। ଶ୍ୟାମବନ୍ଧୁ ସିଂହ ନାମକ ବ୍ୟକ୍ତି ଖଣ୍ଡପଡା ରାଜାଙ୍କର ରକ୍ତ ସମ୍ପର୍କୀୟ। ଶ୍ୟାମବନ୍ଧୁ ଧରାକୋଟ ରାଜାଙ୍କ ଝିଅାରୀ ବିଷ୍ଣୁମାଳୀଙ୍କୁ ବିବାହ କରିଥିଲେ। ଏହି ଦମ୍ପତିଙ୍କଠାରୁ ୧୮୩୫ (ଶକାବ୍ଦ ୧୭୫୭) ମସିହା ପୌଷମାସ କୃଷ୍ଣ ପକ୍ଷ ଅଷ୍ଟମୀ ରବିବାର ବିଛା ୨୯ ଦିନରେ ସାମନ୍ତ ଚନ୍ଦ୍ରଶେଖର ସିଂହ ଜନ୍ମ ହୋଇଥିଲେ । ଜନ୍ମ ସମୟରେ ଲଗ୍ନାଧିପତି ଶନି ଉଚ୍ଚ ରାଶିରେ ଭାଗ୍ୟ ସ୍ଥାନରେ ବୃହସ୍ପତିଙ୍କ ଦୃଷ୍ଟିରେ ରହିଛି। ବୃହସ୍ପତିଙ୍କ ଦୃଷ୍ଟି ଏକାଦଶସ୍ଥ ବୁଧ ଏବଂ ଲଗ୍ନକୁ ରହୁଥିବାରୁ ଗୃହ ପରିବର୍ତ୍ତନ ଯୋଗ ଓ ଦଶମ ଭାବାଧିପତି ମଙ୍ଗଳ ସହ ସପ୍ତମାଧିପତି ରବିଯୁକ୍ତ। ଶୁକ୍ର ଯୋଗକାରକ ଓ ରାହୁ, କେତୁ ଚତୁର୍ଥ, ଦଶମରେ ଉଚ୍ଚ ଅଛନ୍ତି। ଏହି ଗ୍ରହସ୍ଥିତି ଯୋଗୁ ଶଙ୍ଖ ଯୋଗ, ଗଜକେଶରୀ ଯୋଗ, ରାଜଯୋଗ ଓ ବିପରୀତ ରାଜଯୋଗ ହେଉଛି। ତେଣୁ ଚନ୍ଦ୍ରଶେଖର ଜଣେ ବିଦ୍ୱାନ୍, ପଣ୍ଡିତ, ମେଧାବୀ, ଧାର୍ମିକ, ବୁଦ୍ଧିମାନ, ଜ୍ୟୋତିର୍ବିଦ୍, ଗ୍ରନ୍ଥକର୍ତ୍ତା, ନୀତିବାନ୍, ସଦାଚାରୀ ଓ ଏକନିଷ୍ଠ, ଭଦ୍ର ପୁରୁଷ ଥିଲେ। ଷଷ୍ଠାଧିପତି ଚନ୍ଦ୍ର ଅଷ୍ଟମରେ, ରାହୁଙ୍କ ଦୃଷ୍ଟି, ଶନି ଓ ଶୁକ୍ରଙ୍କ ଷଷ୍ଠ ସ୍ଥାନକୁ ଦୃଷ୍ଟି। ତେଣୁ ସେ ସଦାରୋଗୀ, ରୁଗ୍ଣ, ଏବଂ ଅଷ୍ଟମ ଚନ୍ଦ୍ର ଯୋଗୁ ନିଧନକୁ ପ୍ରାପ୍ତ ହୋଇଥିଲେ। ଚନ୍ଦ୍ରଶେଖରଙ୍କ ପୂର୍ବରୁ ଶ୍ୟାମବନ୍ଧୁଙ୍କ କେତୋଟି ସନ୍ତାନ ମରିଯାଇଥିବାରୁ ଲୋକଚାର ଅନୁସାରେ ଚନ୍ଦ୍ରଶେଖରଙ୍କୁ ପଠାଣି ବୋଲି ଡାକ ନାମ ଦିଆଯାଇଥିଲା। ଚନ୍ଦ୍ରଶେଖରଙ୍କର ବାଲ୍ୟ ଶିକ୍ଷା ପାଞ୍ଚବର୍ଷରୁ ଆରମ୍ଭ ହୋଇଥିଲା। ସାତ ବର୍ଷ ବୟସରେ ସେ ଅକ୍ଷର ଶିକ୍ଷା , ପଣିକିଆ ଓ ଅମରକୋଷ ଅଭିଧାନ ଅଧ୍ୟୟନ ଶେଷ କରିସାରିଥିଲେ। ପନ୍ଦର ବର୍ଷ ବୟସ ବେଳକୁ ସେ ରଘୁବଂଶ, କୁମାର ସମ୍ଭବ, କିରାତାର୍ଜୁନୀୟ, ମେଘଦୂତ, ହଂସଦୂତ, ମାଘକାବ୍ୟ, ନୈଷଧ କାବ୍ୟ, କୁମାର ବ୍ୟାକରଣ ଓ ଶିଶୁପାଳବଧ କାବ୍ୟ ପଢି ଶେଷ କରିଥିଲେ। ତୁଳସୀ ଦୁଇପତ୍ରରୁ ବାସିଲାପରି ତାଙ୍କ ପ୍ରତିଭା ଛୋଟବେଳରୁ ଜଣାପଡିଥିଲା। ଶୂନ୍ୟ ଆକାଶ, ମେଘମାଳ, ପବନର ଗତି ଓ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହେଉଥିଲେ । ଦିନରେ ଓ ରାତ୍ରରେ ଅଧିକାଂଶ ସମୟରେ ସେ ଆକାଶକୁ ଚାହିଁ ରହୁଥିଲେ।




ସେ ଛାଇ ମାପି ନିଶ୍ୱାସ ସଂଖ୍ୟାଦ୍ୱାରା ସମୟ ନିରୁପଣ କରୁଥିଲେ। ପାଞ୍ଚବର୍ଷ ବୟସରେ ସେ ଦିନବେଳା ଶୁକ୍ର ନକ୍ଷତ୍ରକୁ ଦେଖିପାରିଥିଲେ। ସେ ପିତାଙ୍କଠାରୁ ଫଳିତ ଜ୍ୟୋତିଷ ଶିକ୍ଷାକରି ଶ୍ରୀମଦ୍ଭାଗବତ, ଅନର୍ଘରାଘବ, ଶକୁନ୍ତଳା, ଉତ୍ତର ରାମଚରିତ, ଗୀତଗୋବିନ୍ଦ, ସୂର୍ଯ୍ୟଶତକ ଆଦି ବହୁଗ୍ରନ୍ଥ ଅଧ୍ୟୟନ କରିଥିଲେ। ଚନ୍ଦ୍ରଶେଖର ମନୁସଂହିତା, ପରାଶର ସଂହିତା, ଯାଜ୍ଞବଲକ୍ୟଙ୍କ କୃତି, ଗଦାଧର ପଦ୍ଧତି ଓ ରଘୁନନ୍ଦନ ସ୍ମୃତି ପ୍ରଭୃତି ବହୁ ସ୍ମୃତିଶାସ୍ତ୍ର ଅଧ୍ୟୟନ କରିଥିଲେ। ସେହିପରି ଓଡ଼ିଆ ସାହିତ୍ୟର ବୈଦେହୀଶ ବିଳାସ, ଲାବଣ୍ୟବତୀ, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ଚମ୍ପୂ ଓ ବିଦଗ୍ଧ ଚିନ୍ତାମଣି ପ୍ରଭୃତି ପାଠ କରିଥିଲେ।

ଚନ୍ଦ୍ରଶେଖର ୨୨ ବର୍ଷ ବୟସରେ ଅନୁଗୁଳ ରାଜବଂଶୀୟ ସୀତା ଦେବୀଙ୍କୁ ବିବାହ କରିଥିଲେ। ତାଙ୍କର ପାଞ୍ଚଗୋଟି ପୁତ୍ର ଓ ଛଅଗୋଟି କନ୍ୟା ଜାତ ହୋଇଥିଲା। ସାମନ୍ତ ଚନ୍ଦ୍ରଶେଖର ନକ୍ଷତ୍ର ପରିଚୟ, ଶ୍ରୀପତି ଜାତକ, ଶ୍ରୀନିବାସ ଦୀପିକା, ସର୍ବାର୍ଥ ଚିନ୍ତାମଣି, ଜ୍ୟୋତିଷ ଚନ୍ଦ୍ରୋଦୟ, କାଳିଦାସଙ୍କ କୃତ ଜ୍ୟୋତିର୍ବିଦ୍ୟାଭରଣ, ଲଘୁଜାତକ, ଜ୍ୟୋତିଷାର୍ଣ୍ଣବ ଓ ବୃହତ ପାରାଶରୀ ଅଧ୍ୟୟନ କରିଥିଲେ। ତାଙ୍କ ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣାଫଳରେ ଦୂରଦୁରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିଥିଲେ। ଉନ୍ନତ ବୈଜ୍ଞାନିକ ଯନ୍ତ୍ରପାତି ବିନା ଈଶ୍ୱର ଦତ୍ତ ପ୍ରତିଭା ବଳରେ ସାମାନ୍ୟ ଦୁଇଟି ବାଉଁଶ ନଳ ସାହାଯ୍ୟରେ ସୌରମଣ୍ଡଳକୁ ମାପି ପାରିଥିଲେ। ଖଣ୍ଡିଏ କାଠି ସାହାଯ୍ୟରେ ଗଛର ଉଚ୍ଚତା ମାପି ଦେଇପାରୁଥିଲେ। ତାଙ୍କ ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ଗଣନା କରିଥିଲେ। ତାଙ୍କର ମାନଯନ୍ତ୍ର ଦ୍ୱାରା ପାହାଡ, ପର୍ବତ ଓ ଗଛର ଦୂରତା ମାପି ପାରୁଥିଲେ। ଚନ୍ଦ୍ରଶେଖର ଯେଉଁ ସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡିକର ନାମ 'ଶଙ୍କୁ' 'ଖ-ଗୋଲ' ଓ 'ଉଲମ୍ବିଚକ୍ର'। ମାତ୍ର ତେଇଶି ବର୍ଷ ବୟସରେ ସାମନ୍ତ ଚନ୍ଦ୍ର ଶେଖର ତାଙ୍କର ସମସ୍ତ ଗବେଷଣାର ଅଭିଜ୍ଞତା ଓ ଜ୍ଞାନ ରାଶିକୁ ୧୮୪୯ ମସିହାରେ ଏକ ଗ୍ରନ୍ଥାକାରରେ ଲେଖିବାକୁ ଆରମ୍ଭ କରିଥିଲେ ଓ ୧୮୬୯ ମସିହାରେ ସମାପ୍ତ ହୋଇଥିଲା। ଏହି ଗ୍ରନ୍ଥର ନାମ ଦେଇଥିଲେ 'ସିଦ୍ଧାନ୍ତ ଦର୍ପଣ' ଯାହା ଆଧୁନିକ ଜ୍ୟୋତିଷ ଶାସ୍ତ୍ରର ମହାର୍ଘ।'ସିଦ୍ଧାନ୍ତ ଦର୍ପଣ' ଖାଲି ଭାରତ ନୁହେଁ ଇଂଲଣ୍ଡ, ଆମେରିକା, ଜର୍ମାନ ଦେଶରେ ଆଦର ଲାଭ କଲା। ରେଭେନ୍ସାର ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାଏ ଚନ୍ଦ୍ରଶେଖରଙ୍କୁ ଡକାଇଲେ 'ସିଦ୍ଧାନ୍ତ ଦର୍ପଣ'ର ତର୍ଜମା କଲେ ଓ ସର୍ବସାଧାରଣରେ ଏହି ଗ୍ରନ୍ଥର ମାହାତ୍ମ୍ୟ ଜଣାଇଲେ। ଏଥି ପାଇଁ ବ୍ରିଟିଶ ସରକାର ପଠାଣି ସାମନ୍ତଙ୍କୁ "ମହାମହୋପାଧ୍ୟାୟ" ଉପାଧିରେ ଭୂଷିତ କରିଥିଲେ ଓ ପରେ ମାସିକ ପଚାଶ ଟଙ୍କା ହାରରେ ପେନ୍‌ସନ୍ ମଞ୍ଜୁର କରିଥିଲେ। ଗଜପତି ରାଜା ମଧ୍ୟ ତାଙ୍କୁ "ହରିଚନ୍ଦନ ମହାପାତ୍ର" ଉପାଧି ପ୍ରଦାନ କରିଥିଲେ। ତେଣୁ ତାଙ୍କ ନାମ ହେଲା 'ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ସାମନ୍ତ' । ୧୯୦୪ ମସିହା ଜୁନ୍ ୧୧ ତାରିଖ ଜ୍ୟେଷ୍ଠମାସ କୃଷ୍ଣ ଦ୍ୱାଦଶୀ ଶନିବାର ଦିନ ସେ ସ୍ୱର୍ଗାରୋହଣ କରିଥିଲେ, କିନ୍ତୁ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ତାଙ୍କୁ ଚିରକାଳ ଅମର କରି ରଖିବ। ଆହୁରି ମଧ୍ୟ ସେହି ମହାନ ବ୍ୟକ୍ତିଙ୍କର ପବିତ୍ର ସ୍ମୃତିକୁ ସମ୍ମାନ ଦେବା ପାଇଁ ଭୁବନେଶ୍ୱରରେ 'ପଠାଣି ସାମନ୍ତ ପ୍ଲାନେଟୋରିୟମ' ଓ ପୁରୀରେ 'ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ପ୍ରତିଷ୍ଠିତ ହୋଇଅଛି।


ଅକ୍ଷୟ କୁମାର ରାଉତ

ପାରାଦ୍ୱୀପଗଡ଼
ମୋ: ୯୯୩୭୬୯୧୪୭୫

*ପାଠକୀୟ ମତାମତ ଓ ପରାମର୍ଶ ସ୍ୱପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**



# ମହାବୀର ବାଜିରାଓ ପେଶବା

Strike at the trunk of enemy, the branches will fall automatically.Nights are meant for expedition not for sleep: Bajirao verson

ବିରତ୍ୱର ମାପ କାଠିରେ ଆମ ଦେଶର ଐତିହାସିକ ଚରିତ୍ର ମାନଙ୍କୁ ମାପିଲେ ବାଜିରାଓ-୧, ଯେ ଶ୍ରେଷ୍ଠ ସ୍ଥାନ ପାଇବେ ସେଥିରେ ତିଳେ ମାତ୍ର ସନ୍ଦେହ ନାହିଁ। ସାମରିକ ବିଶାରଦ ତଥା ଦ୍ୱିତୀୟ ବିଶ୍ୱ ଯୁଦ୍ଧର ଇଂଲଣ୍ଡର ସର୍ବୋଚ୍ଚ ସେନାପତି ଫିଲଡ ମାର୍ଶାଲ ମଣ୍ଟେଗୋମେରୀଙ୍କ ପୁସ୍ତକରେ ସେ ବାଜିରାଓଙ୍କ ବିଷୟରେ ଲେଖିଛନ୍ତି,

"He was undoubtedly the best cavalry commander of South East Asia in early 18 th century". ଆମ ଦେଶର କେ ଏମ.ପାନିକର ମଧ୍ୟ ତାଙ୍କୁ ଭାରତର ସର୍ବକାଳିନ ଶ୍ରେଷ୍ଠ ସେନାପତି ବୋଲି ଲେଖିଛନ୍ତି। ବାଜିରାଓ ହେଉଛନ୍ତି ଏକ ମାତ୍ର ବ୍ୟକ୍ତି, ଯେ ଆମ ଦେଶର ପରାଜୟର ଘନ ଅନ୍ଧକାର ମଧ୍ୟରେ ବିଜୟର ଆଲୋକ ଜାଳି ଥିଲେ। ନିଜର ମାତ୍ର ୪୦ ବର୍ଷ ଜିବନ କାଳ ମଧ୍ୟରେ ସେ ହିନ୍ଦୁସ୍ଥାନର ସମସ୍ତ ମୁସଲମାନ ଶାସକ ଯଥାଃ ହାଇଦ୍ରାବାଦର ନିଜାମ, ମାଳବ,ରୋହିଲା ଖଣ୍ଡ, ବୁନ୍ଦେଲଖଣ୍ଡ, ଗୁଜୁରାଟ,ଖନ୍ଦେଶ,ଅଯୋଧ୍ୟା,ଜଞ୍ଜିରାର ମୁସଲମାନ ଶାସକ,ଦିଲ୍ଲୀ ବାଦଶାଙ୍କ ନିକଟରେ ନିଜ ସ୍ୱାଭିମାନ ବିକିଥିବା ରାଜସ୍ଥାନର ରାଜପୁତ ଶାସକ,ବିଦେଶୀ ୟୁରୋପୀୟ ଆବିସିନିଆରୁ ଆସିଥିବା ସିଦି ମାନଙ୍କୁ ପରାସ୍ତ କରିଥିଲେ।୧୭୩୮ ମସିହାରେ ସେ ସୈନ୍ୟ ବାହିନୀ ସହ ମୋଗଲ ରାଜଧାନୀ ଦିଲ୍ଲୀରେ ପହ-ଞ୍ଚି ମୋଗଲ ବାଦଶା ମହମ୍ମଦ ଶାହାଙ୍କୁ ପରାସ୍ତ କରିଥିଲେ, ତାଙ୍କୁ କର ଦେବାକୁ ବାଧ୍ୟ କରି ଦିଲ୍ଲୀ ଉପକଣ୍ଠରେ ସ୍ୱଦେଶୀ ଗୈରିକ ପତାକା ଉଡାଇ ଶିବାଜୀଙ୍କର ସ୍ୱପ୍ନ କୁ ପୂର୍ଣ୍ଣ କରିଥିଲେ।

ବାଜିରାଓ ସୁଦକ୍ଷ ପେଶବା ବାଲାଜୀ ବିଶ୍ୱନାଥ ଓ ରାଧା ଦେବୀଙ୍କର ପ୍ରଥନ ସନ୍ତାନ ଥିଲେ । ସେ ୧୭୦୦ ମସିହାଅଗଷ୍ଟ ୧୮ ତାରିଖ ରେ ଶ୍ରୀ ବର୍ଦ୍ଧନ କଙ୍କଣର ଚିତପାବନ ଭଟ ବ୍ରାହ୍ମଣ କୂଳରେ ଜନ୍ମ ନେଇଥିଲେ। କଙ୍କଣ ବ୍ରାହ୍ମଣ ମାନେ ଭଗବାନ ପର୍ଶୁରାମଙ୍କୁ ଅନୁସରଣ କରି ଯୁଦ୍ଧ ବିଦ୍ୟା ଶିକ୍ଷା କରୁଥିଲେ। ୧୬୮୦ ମସିହାରେ ମରହଟ୍ଟା ସାମ୍ରାଜ୍ୟ ର ପ୍ରତିଷ୍ଠାତା ଛତ୍ରପତି ଶିବାଜୀଙ୍କ ମୃତ୍ୟୁ ଘଟିଲା। ତାଙ୍କ ପୁତ୍ର ଛତ୍ରପତି ଶମ୍ଭୁଜୀଙ୍କୁ ଆଉରଙ୍ଗଜେବ ୧୬୮୯ ମସିହାରେ ହତ୍ୟା କଲେ ଓ ରାଜଧାନୀ ରାୟଗଡକୁ ଆକ୍ରମଣ କରି ଶମ୍ଭୁଜୀଙ୍କ ସ୍ତ୍ରୀ ଓ ପୁଅ ସାହୁ ଙ୍କୁ ବନ୍ଦୀ କରି ଦିଲ୍ଲୀ ନେଇଗଲେ। ଶମ୍ଭୁଜୀଙ୍କ ସାନଭାଇ ରାଜାରାମ ଛତ୍ରପତି ହେଲେ। ମୋଗଲ ସେନା ତାଙ୍କୁ ବନ୍ଦୀ କରିବାକୁ ଗୋଡାଇବାରୁ ସେ ସୁଦୂର ଜିଞ୍ଜି ଦୁର୍ଗରେ ଆଶ୍ରୟ ନେଲେ।୧୭୦୦ ମସିହାରେ ରାଜାରାମଙ୍କ ମୃତ୍ୟୁ ପରେ ତାଙ୍କ ବିଧବା ପତ୍ନୀ ତାରାବାଇ ଯୁଦ୍ଧ ଚାଲୁ ରଖିଲେ ।୧୭୦୭ ମସିହାରେ ଆଉରେଙ୍ଗଜେବଙ୍କ ମୃତ୍ୟୁ ପରେ ମରହଟ୍ଟା ମାନେ ଆଶ୍ୱସ୍ତି ହେଲେ। ସାହୁଙ୍କୁ ମୁକ୍ତି ମିଳିଲା। ସାହୁ ଫେରିଲା ପରେ ସିଂହାସନ ପାଇଁ ତାରାବାଇଙ୍କ ସହ ଗୃହଯୁଦ୍ଧ ଆରମ୍ଭ ହେଲେ। ବାଲାଜୀ ବିଶ୍ୱନାଥ ଙ୍କ ଚେଷ୍ଟାରୁ ସାହୁ ଛତ୍ରପତି ରୂପେ ସ୍ୱିକୃତି ପାଇଲେ । ବାଲାଜୀ ନିଜର ଦକ୍ଷତା ବଳରେ ସାହୁ ଙ୍କୁ ଖାଲି ଶତ୍ରୁ ମାନଙ୍କ କବଳରୁ ରକ୍ଷା କଲେନି,ମରହଟା ସାମ୍ରାଜ୍ୟକୁ ନର୍ମଦା ନଦୀର ଅପର ପାର୍ଶ୍ୱ କୁ ବିସ୍ତାର କଲେ। ଦିଲ୍ଲୀ ବନ୍ଦୀଶାଳାରୁ ସାହୁଙ୍କ ପତ୍ନୀ,ମାଆ ଓ ଭାଇଙ୍କୁ ମୁକ୍ତ କଲେ। ଦକ୍ଷିଣର ଛଅଟି ସୁବାରୁ ଚୌଥ ଆଦାୟର ଅଧିକାର ବାଦାଶା ଙ୍କ ଠାରୁ ପାଇଲେ । କୃତଜ୍ଞ ସାହୁ ବାଲାଜୀଙ୍କୁ ସମସ୍ତ କ୍ଷମତା ଅର୍ପଣ କଲେ ଓ ପେଶବା ପଦ ବଂଶଗତ ହେବ ବୋଲି ଘୋଷଣା କଲେ । ପେଶବା ମାନେ ପୁନା ଠାରେ ନିଜ ଦପ୍ତର ପ୍ରତିଷ୍ଠା କରି ଶାସନ ବୁଝିଲେ। କଠିନ ପରିଶ୍ରମ ଯୋଗୁ ୫୧ ବର୍ଷ ବୟସରେ ବାଲାଜୀଙ୍କ ମୃତ୍ୟୁ ହେଲା । ସାହୁ ନିଜର ବରିଷ୍ଠ ଅମାତ୍ୟ ଓ ସେନାପତି ଙ୍କ ଅନିଚ୍ଛା ସତ୍ୱେ ବାଲାଜୀଙ୍କ ୨୦ ବର୍ଷ ବୟସ୍କ ପୁତ୍ର ବାଜିରାଓଙ୍କୁ ପେଶବା ପଦରେ ନିଯୁକ୍ତ ଦେଲେ। ବାଜିରାଓଙ୍କ ଅଧିନରେ କାର୍ଯ୍ୟ କରିବାକୁ ବରିଷ୍ଠ ସରଦାର ମାନେ ଅରାଜି ହେବାରୁ ବାଜିରାଓ ଅନେକ ସାଧାରଣ ବଂଶର ବ୍ୟକ୍ତି ଙ୍କୁ ନିଜର ସେନାପତି କଲେ(ଯେଉଁ ମାନେ ବଂଶଗତ ଦେଶମୁଖ ନଥିଲେ) । ସେମାନେ ଥିଲେ ମହ୍ଲାର ରାଓ ହୋଲକାର,ଜାଙ୍କୋଜି ରାଓ ଓ ରାନୋଜୀ ସିନ୍ଧିଆ, ଫତେସିଂ ଭୋନସଲା, ଧର ଓ ପାଓ୍ୱାର,ଗାଇକଓ୍ୱାଡ ବଂଶର । ପରବର୍ତ୍ତି କାଳରେ ଏହି ସେନାପତି ମାନେ ନିଜର ରାଜ୍ୟ ସ୍ଥାପନା ଖାଲି କଲେନି, ମରହଟ୍ଟା ସାମ୍ରାଜ୍ୟକୁ ଖୁବ ଶୀଘ୍ର ପେଶଓ୍ୱାର ପର୍ଯ୍ୟନ୍ତ ବଢାଇଦେଲେ। ଅନେକ ଦିନ ପରେ ଭରା ରାଜଦରବାରରେ ଛତ୍ରପତି ସାହୁ ଗର୍ବ ର ସହିତ ତାଙ୍କ ଅମାତ୍ୟ ମାନଙ୍କୁ କହିଲେ, "ସେ ଦିନ ତରୁଣ ବାଜିରାଓଙ୍କୁ ପେଶବା କରି ଯେ ଭୁଲ କରିନଥିଲେ, ତାହା ଆଜି ପ୍ରମାଣିତ ହୋଇଛି। All should obey Bajirao,do nothing to offend his temper. He is a man with Iron nerve."

ବାଜିରାଓ ପନ୍ତ ପ୍ରଧାନ, ଶ୍ରୀମନ୍ତ ବାଜିରାଓ ବଲାଲ ବୋଲି ପରିଚିତ ଥିଲେ। ନିଜ ଜିବନ କାଳ ମଧ୍ୟରେ ସେ ସମୁଦାୟ ୪୧ ଟି ଯୁଦ୍ଧ କରିଥିଲେ । ସବୁ ଯୁଦ୍ଧରେ ସେ ଜୟ ଲାଭ କରିଥିଲେ। ପେଶବା ହେବାର ମାତ୍ର ବର୍ଷ କ ପରେ ସେ ଶକ୍ତିଶାଳୀ ନିଜାମଙ୍କ ବାହିନୀକୁ ପାଲଖାଡ ଠାରେ ପରାସ୍ତ କରି ଚୌଥ ଦେବାକୁ ବାଧ୍ୟ କରିଥିଲେ । ଐତିହାସିକ ମାନେ ଏହି ଜୟକୁ A great strategic victory କହି ଥାଆନ୍ତି। ପରେ ଗୁଜୁରାଟର ବିଦ୍ରୋହୀ ମରହଟ୍ଟା ସେନାପତି ତ୍ରୟମ୍ବକ ଡାଭେକରଙ୍କ ବିରୁଦ୍ଧରେ ସୈନ୍ୟ ଚାଳନା କରି ତାଙ୍କୁ ନିହତ ଓ ପରାସ୍ତ କରିଥିଲେ । ତାଙ୍କର ସୁଯୋଗ୍ୟ ସାନ ଭାଇ ଚିମନଜି ଆପା କଙ୍କଣ ଉପକୂଳରେ ପର୍ତ୍ତୁଗିଜ ମାନଙ୍କୁ ଆକ୍ରମଣ କରି ତାଙ୍କୁ ବିତାଡିତ କଲେ ଓ ରାଜଧାନୀ ଭାସାଇ ସମେତ ସମସ୍ତ ଅ-ଞ୍ଚଳ ଅଧିକାର କଲେ। ନାଦିର ଶାହା ଆକ୍ରମଣ ରେ ମୋଗଲ ମାନଙ୍କୁ ସାହାଯ୍ୟ କରିବାକୁ ଯୁଦ୍ଧ ବନ୍ଦ କରିନଥିଲେ, ଗୋଆ ମଧ୍ୟ ମୁକ୍ତ ହୋଇ ଥାଆନ୍ତା। ପଶ୍ଚିମ ଉପକୂଳରେ ଉତ୍ପାତ କରିଥିବା ଓ ଅପରାଜେୟ ଥିବା ଜଞ୍ଜିରାର ସିଦି ମାନଙ୍କୁ ସ୍ଥଳ ଭାଗରୁ ବିତାଡିତ କରି ଦୁର୍ଗ ମଧ୍ୟରେ ଆବଦ୍ଧ କଲେ ।ନର୍ମଦା ନଦୀ ଅତିକ୍ରମ କରି ବାଜିରାଓ ବୁନ୍ଦେଲ ଖଣ୍ଡ ଆକ୍ରମଣ କରି ମୋଗଲ ମାନଙ୍କୁ ତଡି ତାହାକୁ ମରହଟ୍ଟା ସାମ୍ରାଜ୍ୟ ରେ ମିଶାଇଦେଲେ। ସେତେବେଳେ ବୁନ୍ଦେଲଖଣ୍ଡର ଶାସକ ଛତ୍ରଶାଳଙ୍କୁ ମୋଗଲ ସେନାପତି ମହମ୍ମଦ ବଙ୍ଗେଶ ଆକ୍ରମଣ କରି ଦୁର୍ଗରେ ଆବଦ୍ଧ କରି ରଖିଲେ । ଛତ୍ରଶାଳ ବାଜିରାଓ ଙ୍କୁ ସାହାଯ୍ୟ ପାଇଁ ଅନୁରୋଧ କଲେ। ବାଜିରାଓ ଶୀଘ୍ର ଆସି ବଙ୍ଗେଶଙ୍କୁ ପରାସ୍ତ କରି ଛତ୍ରଶାଳଙ୍କୁ ମୁକ୍ତ କଲେ । କୃତଜ୍ଞ ଛତ୍ରଶାଳ ନିଜ ପାଳିତା କନ୍ୟା ମସ୍ତାନି ବାଇକୁ ବାଜିରାଓଙ୍କୁ ପ୍ରଦାନ କଲେ ଓ ନିଜ ରାଜ୍ୟର ଏକ ଅଂଶ(ବନ୍ଦା ଓ କାଲ୍ପି)ପ୍ରଦାନ କରି ପୁତ୍ର ବୋଲି ଘୋଷଣା କଲେ। ମସ୍ତାନୀ ଅସାମାନ୍ୟ ରୂପବତୀ ଥିଲେ ଓ ଜଣେ ମୁସମାନ ରକ୍ଷିତାର କନ୍ୟା ଥିଲେ। ବାଜିରାଓଙ୍କୁ ବିବାହ ପରେ ଏକ ନୂତନ ପ୍ରେମ କାହାଣୀର ସୃଷ୍ଟି ହେଲା । ସାହୁଙ୍କ ଠାରୁ ଅନୁମତି ନେଇ ବାଜିରାଓ ଦିଲ୍ଲୀ ଆକ୍ରମଣ କରିବାକୁ ସ୍ଥିର କଲେ। ବିଭିନ୍ନ ଦଳରେ ବିଭକ୍ତ ହୋଇ ସେମାନେ ଅଶ୍ୱ ପୃଷ୍ଠରେ ଯାତ୍ରା କଲେ। ମୋଗଲ ସେନାପତି ସାଦାତ ଖାଁ ବିରାଟ ବାହିନି ସହ ଆସି ହୋଲକାରଙ୍କ ସୈନ୍ୟ ଦଳକୁ ପରାସ୍ତ କଲେ। ମରହଟ୍ଟା ମାନେ ପଛଘୁଞ୍ଚା ଦେଲେ। ବିଜୟର ଆନନ୍ଦ ରେ ମଥୁରା ଠାରେ ମୋଗଲ ମାନେ ଆମୋଦ ପ୍ରମୋଦ ରେ ମାତିଲେ । ସେମାନଙ୍କ ଅଜାଣତରେ ବାଜିରାଓ ପଚାଶ ହଜାର ଅଶ୍ୱାରୋହୀଙ୍କ ସହ ଅରଣ୍ୟ ପଥରେ ଦିଲ୍ଲୀ ଠାରେ ଉପସ୍ଥିତ ହୋଇ ଦିଲ୍ଲୀ ଆକ୍ରମଣ ଓ ଲୁଣ୍ଠନ କଲେ ଓ ଫେରି ଆସିଲେ। ଫେରନ୍ତା ପଥରେ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିଥିବା ମୋଗଲ ଓ ନିଜାମଙ୍କର ମିଳିତ ବିରାଟ ବାହିନୀକୁ ଶୋଚନୀୟ ପରାସ୍ତ କରି ୨୫ ଲକ୍ଷ କର ଆଦାୟ କଲେ (ଭୋପାଳ ଯୁଦ୍ଧ)। ଅନେକ ଯୁଦ୍ଧରେ ଜୟ କଲେ ମଧ୍ୟ ଜିବନ ଯୁଦ୍ଧ ରେ ବାଜିରାଓ ହାରିଗଲେ। ପତ୍ନୀ କାଶୀ ବାଇ ଓ ତିନି ପୁତ୍ର ନାନା,ରଘୁନାଥ ଓ ଜନାର୍ଦ୍ଦନଙ୍କୁ ନେଇ ସୁଖ ସଂସାର ମସ୍ତାନୀର ଆଗମନରେ ଉଜୁଡି ଗଲା । ନୈଷ୍ଠିକ ଚିତପାବନ ବ୍ରାହ୍ମଣ ପେଶବା ବଂଶରେ ମୁସଲମାନ ରକ୍ଷିତାକୁ ନେଇ ଝଡ ଉଠିଲା। ମାଆ ରାଧାବାଇ,ସ୍ତ୍ରୀ,ଭାଇ,ପୁଅ, ଭଉଣୀ,ପୁନାର ବ୍ରାହ୍ମଣ ସମାଜ ସମସ୍ତେ ପ୍ରତିବାଦ କଲେ । ଛତ୍ରପତି ସାହୁ ମଧ୍ୟ ଦୁଃଖ ପ୍ରକାଶ କଲେ। ବାଜିରାଓ ମସ୍ତାନୀ ପାଇଁ ଏକ ନୂଆ ମହଲ ମସ୍ତାନୀ ମହଲ ଶନିଓ୍ୱାର ବାଡା ପ୍ରସାଦରେ ନିର୍ମାଣା କରି ସେଠାରେ ରହିଲେ। ମସ୍ତାନୀ ଠାରୁ ସମସେର ବାହାଦୁର ନାମରେ ପୁଅ ଟିଏ ହେଲା। ତାକୁ ମାରିବାକୁ ପରିବାର ମଧ୍ୟରେ ଚକ୍ରାନ୍ତ ହେଲା। ଏହା ଜାଣି ବାଜିରାଓ ଦୁଃଖରେ ଦରବାର କୁ ନଆସି ମହଲରେ ରହିଲେ । ଶେଷକୁ ସେନାପତିମାନଙ୍କ ଅନୁରୋଧରେ ସେ ସୈନ୍ୟଙ୍କ ସହ ଅଭିଯାନରେ ବାହାରିଗଲେ। ମସ୍ତାନୀର ସୁରକ୍ଷା ପ୍ରତିଶୃତି ପାଇ ସେ ଉତ୍ତର ଦିଗକୁ ସୈନ୍ୟସହ ଚାଲିଗଲେ । ତାଙ୍କ ଆଗମନରେ ମେଳି ବାନ୍ଧିଥିବା ଶତ୍ରୁ ମାନେ ଛତ୍ରଭଙ୍ଗ ଦେଲେ । ନିଜାମ ପୁତ୍ର ନାସିର ଜଙ୍ଗ ବନ୍ଦୀ ହୋଇ ଅନେକ ଅର୍ଥ ପ୍ରଦାନ କରି ମୁକ୍ତି ପାଇଲା । ଜୟ ଲାଭ ପରେ ପେଶବା ନର୍ମଦା କୂଳରେ ରାବରଖେଡ ଠାରେ ଶିବିର ପକାଇ କିଛିଦିନ ବିଶ୍ରାମ ନେବାକୁ ଇଚ୍ଛା କଲେ । ପୁନାର ଅଶାନ୍ତ ପରିବେଶକୁ ଫେରିବାକୁ ମନ ହେଲାନି । ହିନ୍ଦୁ ମାନ ଙ୍କର ପବିତ୍ର ତୀର୍ଥ ସ୍ଥଳୀ କାଶୀ, ମଥୁରା,ବୃନ୍ଦାବନ କୁ ସେ ମୁସଲମାନଙ୍କ କବଳରୁ ଉଦ୍ଧାର କଲେ। ମାତ୍ର ତାଙ୍କର ସାମାନ୍ୟ ଦୋଷକୁ ଆଜି ବ୍ରାହ୍ମଣ ମାନେ କ୍ଷମା ପାଇଁ ପ୍ରସ୍ତୁତ ନୁହନ୍ତି। ମାଆ ଭାଇ ସ୍ତ୍ରୀ ପୁଅ ସମସ୍ତେ ପର ହୋଇଛନ୍ତି । ହଟାତ ଖବର ପାଇଲେ ତାଙ୍କ ଅନୁପସ୍ଥିତି ରେ ମସ୍ତାନୀକୁ ପାର୍ବତି ମନ୍ଦିରରେ ବନ୍ଦୀ କରାହୋଇଛି । ହାହାକାରରେ ମନ ଭରିଗଲା। ନିଜଲୋକଙ୍କ ଠାରୁ ଏପରି ବ୍ୟବହାର ସେ ଆଶା କରିନଥିଲେ। "ସାମ୍ରାଜ୍ୟ ପାଇଁ ଜିବନର ଅଧେ ସମୟ ସେ ଘୋଡା ପିଠି ରେ କଟାଇଛନ୍ତି ॥ ଅସଂଖ୍ୟ ଅଭିଯାନରେ ଜୟଲାଭ କରି ସାମ୍ରାଜ୍ୟକୁ ବଢାଇଛନ୍ତି। ଭାରତର ସବୁ କଣରେ ମରହଟା ବିଜୟ ପତାକା ଉଡୁଛି। ତାଙ୍କ ପାଇଁ ଲକ୍ଷ ଲକ୍ଷ ଅନୁଗତ ସୈନ୍ୟ ପ୍ରାଣପାତ କରିବାକୁ ପ୍ରସ୍ତୁତ। ମାତ୍ର ଆଜି ସେ ନିସ୍ୱ ଅସହାୟ, ଆଉ କାହିଁକି ସେ ପୁନା ଫେରିବେ ? ଏହି ଜଙ୍ଗଲରେ ଅବଶିଷ୍ଟ ସମୟ କଟାଇଦେବେ" । ଅସ୍ଥିର ମନରେ ନର୍ମଦାର ଜଳରେ ସେ ବାରମ୍ବାର ସ୍ନାନ କରି ଜ୍ୱରର ଶୀକାର ହେଲେ। ବୈଦ୍ୟ ହକିମ ମାନେ ଔଷଧ ଦେଲେ ମଧ୍ୟ ରୋଗ କମିଲା ନାହିଁ। ଦିନକୁ ଦିନ ଦୁର୍ବଳ ହୋଇ ପଡି ମସ୍ତାନୀ ମସ୍ତାନୀ ବୋଲି ପ୍ରଳାପ କଲେ। ପୁନାକୁ ଖବର ଗଲା । ଧାଇଁ ଆସିଲେ ମାଆ,ସ୍ତ୍ରୀ କାଶିବାଇ, ପୁଅ ନାନା, ଭାଇ ଚିମନଜୀ। ମସ୍ତାନୀକୁ ମୁକ୍ତ କରାଗଲା। ମାତ୍ର ସବୁ ବିଫଳ ହେଲା। ଦିନେ ପାହାନ୍ତାରେ ଏହି ମହାବୀରଙ୍କ ଜୀବନ ପ୍ରଦିପ ଲିଭିଗଲା ।(୨୮ ଏପ୍ରିଲ ୧୯୪୦ସ୍ଥାନ ରାବରଖେଡ)ସେହିସ୍ଥାନରେ ତାଙ୍କର ସ୍ମୃତି ମନ୍ଦିର, ନିଳକଣ୍ଠେଶ୍ୱର,ରାମେଶ୍ୱର ଶିବ ମନ୍ଦିର ଓ ଧର୍ମଶାଳା ନିର୍ମିତ ହୋଇଛି । ବାଜିରାଓ ଙ୍କ ମୃତ୍ୟୁପରେ ମସ୍ତାନୀ ଙ୍କ ମୃତ୍ୟୁ ଘଟିଲା। ପୁଅ ସମସେରକୁ କାଶିବାଇ ନିଜ ପୁଅ ଭଳି ପାଳନ କଲେ। ଅଳ୍ପଦିନ ପରେ ଭାଇ ଚିମନଜୀ ମଧ୍ୟ ଦୁଃଖରେ ପ୍ରାଣତ୍ୟାଗ କଲେ । ପୁଅ ନାନା ପେଶବା ହେଲେ (ବାଲାଜୀ ବାଜିରାଓ)। ବାଜିରାଓଙ୍କ ଯୁଦ୍ଧ କୌଶଳକୁ ଅନେକ ଐତିହାସିକ ମାନେ ଉଚ୍ଚ ପ୍ରଶଂସା କରିଛନ୍ତି । ଯଦୁନାଥ ସରକାର ତାଙ୍କୁ Hevenly gifted commander ବୋଲି ଲେଖିଛନ୍ତି । ସେ ଅଧିକ କାଳ ବ-ଞ୍ଚିଥିଲେ ଭାରତର ଭାଗ୍ୟ ନିଶ୍ଚୟ ଭିନ୍ନ ମୋଡ ନେଇ ଥାଆନ୍ତା। ମସ୍ତାନୀର ପୁଅକୁ ବାଜିରାଓ ଙ୍କ ଜାଗିର ଦିଆଗଲା । ମରହଟା ମାନଙ୍କ ସହିତ ଯୋଗ ଦେଇ ସେ ତୃତୀୟ ପାନିପଥ ଯୁଦ୍ଧରେ ନିହତ ହେଲା। ବାରମ୍ବାର ମୁସଲମାନ ଶାସକଙ୍କୁ ପରାସ୍ତ କରିଥିବା ଏହି ବୀରଙ୍କ କାହାଣୀକୁ ଉଦ୍ଦେଶ୍ୟ ମୂଳକ ଭାବେ ଦେଶବାସୀଙ୍କ ଠାରୁ ଅଜ୍ଞାତ ରଖାଗଲା ଆମର ଧର୍ମ ନିରପେକ୍ଷତାର ଧ୍ୱଜା ଉଡାଇ ରଖିବା ପାଇଁ।୨୦୧୫ ମସିହାରେ ବାଜିରାଓ ମସ୍ତାନୀ ଚଳଚିତ୍ର ସଂଜୟ ଲିଳା ଭୋନସଲେଙ୍କ ଦ୍ୱାରା ପ୍ରସ୍ତୁତ ହେଲା ପରେ ତାଙ୍କ କାହାଣୀ ଲୋକେ ଜାଣି ପାରିଲେ।

ପେଶବା: ମରହଟ୍ଟା ଶାସନର ପ୍ରଧାନମନ୍ତ୍ରୀ(ଅମାତ୍ୟ)କୁ ପେଶବା କୁହାଯାଏ। ମୋରେପନ୍ତ ପିଙ୍ଗଲେ ଶିବାଜୀଙ୍କ ସମୟରେ ପ୍ରଥମ ପେଶବା ଥିଲେ। କାଳକ୍ରମେ ସେମାନେ ସମସ୍ତ କ୍ଷମତାର ଅଧିକାରୀ ହେଲେ । ଶିବାଜୀଙ୍କ ବଂଶଧର ସ୍ୱାମିନ ଉପାଧି ଧରି ନାମମାତ୍ର ଛତ୍ରପତି ହୋଇ ସତରାରେ ରହିଲେ। ବାଜିରାଓ ୭ମ ପେଶବା ଥିଲେ।

ଚିତପାବନ ବ୍ରାହ୍ମଣ: କଙ୍କଣ ଉପକୂଳର ମହାରାଷ୍ଟ୍ରିୟ ବ୍ରାହ୍ମଣ। ମାଳଭୂମିର ବ୍ରାହ୍ମଣ ମାନଙ୍କୁ ଦେଶସ୍ଥ କୁହାଯାଏ । ଚିତପାବନ ମାନେ ପାଶ୍ଚାତ୍ୟ ଶିକ୍ଷାର ସୁଯୋଗ ନେଇ ଭାରତରେ ରାଜନୀତି, ସମାଜ ସଂସ୍କାର,ସ୍ୱାଧିନତା ଅନ୍ଦୋଳନ ସନ୍ତ୍ରାସ ବାଦୀ ଆନ୍ଦୋଳନରେ ପ୍ରମୁଖ ଭୂମିକା ନେଇଛନ୍ତି। ଗଙ୍ଗାଧର ତିଳକ, ଗୋପାଳକୃଷ୍ଣ ଗୋଖେଳ, ବୀର ସରବକାର, ଦାଦା ସାହେବ ଫାଲକେ,ବିନୋବା ଭାବେମ,ଚାପେକର ଭାଇମାନେ, ଦାଦା କାଲେକର,ମହାଦେବ ରାଣାଡେ,ଆନନ୍ଦି ବାଇ ଯୋଶି(ପ୍ରଥମ ମହିଳା ଡାକ୍ତର),ନିଳକଣ୍ଠ ସହସ୍ର ବୁଦ୍ଧେ, ମାଧୁରୀ ଦିକ୍ଷିତ,ନାଥୁରାମ ଗଡସେପାଣ୍ଡୁରଙ୍ଗା କାନେ(ଭାରତ ରତ୍ନ) ମରହଟ୍ଟା ପେଶବା ମାନେ ଏହି ସଂପ୍ରଦାୟର।


ଡାଃ ସୁରେନ୍ଦ୍ର ନାଥ ଦାଶ

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,ମୋ:୯୪୩୭୨୩୫୩୮୬

# ଶାସିତର ସାହିତ୍ୟ କ'ଣ ଆଧୁନିକ ସାହିତ୍ୟ ?

ଆମ ଓଡିଶାରେ ଯେଉଁ ଧରଣର ଧାରା ସାହିତ୍ୟ କ୍ଷେତ୍ରରେ ଦେଖାଦେଉଛି, ସେ ଧାରାକୁ ଆଧୁନିକ ଓ ଉତର-ଆଧୁନିକ ବୋଲି ଡିଣ୍ଡିମ ପିଟାଯାଉଛି । ଏ ଡିଣ୍ଡିମ ପିଟୁଛନ୍ତି କେଉଁମାନେ ? ବୁଦ୍ଧିଜୀବୀ ଓ ସାହିତ୍ୟର ସମୀକ୍ଷକ ବୋଲାଉଥିବା ଦଳେ ଦାୟିତ୍ୱହୀନ ବ୍ୟକ୍ତି । ହୁଏତ ସେମାନଙ୍କ ମଧ୍ୟରୁ ଶତକଡା ୭୦ ଶିକ୍ଷା ବିଭାଗ କର୍ମଚାରୀ, ବାକି ୩୦ ଅନ୍ୟାନ୍ୟ ସରକାରୀ ଚାକିରିଆ । ଯେଉଁ ଧାରାର ସାହିତ୍ୟ ସଂପର୍କରେ ଓଡିଶାରେ ଏତେ ତୁମ୍ବିତୋ'ାନ୍ ସୃଷ୍ଟି କରାଯାଇ ଆସୁଛି, ସେ ସାହିତ୍ୟ ବି ଲେଖନ୍ତି କେଉଁମାନେ ? ହଁ, ଏଇ ଧରଣର ପ୍ରଚାରିତ ସାହିତ୍ୟର ସୃଷ୍ଟିକର୍ତାମାନେ ମୁଖ୍ୟତଃ ସରକାରୀ କଳର ବିଭିନ୍ନ ପଦାଧିକାରୀ ବ୍ୟକ୍ତି । ଏଇ ପଦାଧିକାର ବଳରେ ସେମାନେ ନିଜ ସୃଷ୍ଟି ସପକ୍ଷରେ ଉପରୋକ୍ତ ବୁଦ୍ଧିଜୀବୀ ଓ ସମୀକ୍ଷକବର୍ଗଙ୍କ ନିକଟରୁ ଆଦାୟ କରି ନେଇଥାନ୍ତି ଅପରିମିତ ସ୍ୱୀକୃତି ଓ ସମର୍ଥନ। ଯେଉଁ ଅଳ୍ପ କେତେଜଣ ପ୍ରକୃତ ପ୍ରତିଭାସଂପନ୍ନ ସାହିତ୍ୟକାର ବିନା ସ୍ୱୀକୃତି ଓ ପୁରସ୍କାରରେ ଅମର ସାହିତ୍ୟ ସୃଷ୍ଟି କରିବାରେ ତପସ୍ୟାରତ, ସେମାନେ ଦୀର୍ଘକାଳ ରହିଯାନ୍ତି ଲୋକଲୋଚନର ଅଗୋଚରରେ । ଏଇ ଅଳ୍ପ କେତେଜଣ ସାହିତ୍ୟକାର ବିନା ଗୋଷ୍ଠୀ, ବିନା ଚର୍ଚ୍ଚା, ବିନା ଭାଟବନ୍ଦନା ମଧ୍ୟରେ ନିଜର ବିଶ୍ୱାସକୁ ନେଇ ବଂଚି ରହନ୍ତି କେବଳ । ସେମାନଙ୍କ ମୃତ୍ୟୁ ପରେ ଏ ସମାଜ କାନ୍ଦେ, ଏ ବ୍ୟବସ୍ଥା ଦାବି କରେ ଶହେ ତୋପର ସଲାମି ! ଏଇ ତ ଅବସ୍ଥା ।

ବର୍ତମାନର ସାହିତ୍ୟ କ'ଣ ସତରେ ଆଧୁନିକ ସାହିତ୍ୟ ? ଆଧୁନିକ ସାହିତ୍ୟ ନ କହି ଏ ସାହିତ୍ୟକୁ ବରଂ ଶାସିତର ସାହିତ୍ୟ କହିଲେ ଅଧିକ ଯଥାର୍ଥ ହେବ । ଶାସିତର ସାହିତ୍ୟ ଏଇଥିପାଇଁ ଯେ ସେଥିରେ ଆଧୁନିକତାର କୌଣସି ଚିହ୍ନବର୍ଣ୍ଣ ନାହିଁ । ଜୀବନ ଆଗେଇ ଚାଲିବ, ପୃଥିବୀ କେତେ ପରିବର୍ତନ ସାମ୍ନା କରୁଚି, ସମାଜରେ ନାନା ସଂଶୟ ଓ ସଂଘାତ ଉପୁଜୁଚି, ବ୍ୟକ୍ତିମାନଓ କେତେ ଜଟିଳତାରେ ଜର୍ଜରିତ ହେଉଚି, ମଣିଷ ଜାତିର ଭବିଷ୍ୟତକୁ ନେଇ କେତେ କ'ଣ ଖେଳ ଆରମ୍ଭ ହୋଇସାରିଚି – ସବୁଠି ଆଶଙ୍କା, ଆତଙ୍କ, ଆପଦର ଆବର୍ତ – ଅଥଚ ଚାରି କାନ୍ଥର ଚୌହଦି ମଧ୍ୟରେ ସାହିତ୍ୟ ନାମରେ ଚାଲିଚି ସୌଖିନ୍ ସର୍ଜନା ! ବୁଦ୍ଧି ଅଛି, ବିବେକ ନାହିଁ... ମସ୍ତିଷ୍କ ଅଛି, ହୃଦୟ ନାହିଁ... ପ୍ରଚାର ଅଛି, ପ୍ରାଣ ନାହିଁ – ଏମିତି ଏକ ଅନ୍ଧମୁହାଣିରେ ଓଡିଶାର ସାହିତ୍ୟ ଆଜି କେବଳ ଭୁଆଁ ବୁଲୁଛି । ସାହିତ୍ୟ ଲେଖୁଛନ୍ତି ବୋଲି ଧରାଯାଉଥିବା ବହୁ ଧୂରୀଣ ବ୍ୟକ୍ତି ନିଜ ନିଜକୁ ଲେଖକ ରୂପରେ ଚିହ୍ନଟ କରାଉଛନ୍ତି ସିନା, ମାତ୍ର ପ୍ରକୃତରେ ସେମାନେ କ'ଣ ଲେଖକ ପଦବାଚ୍ୟ ? ବଂର ଲେଖକ ନ କହି ସେମାନଙ୍କୁ ଲେଖାଳି କହିଲେ ଠିକ୍ ହେବ। ସେମାନେ ଲେଖାଳି – କାହିଁକିନା ସେମାନଙ୍କର ସାହିତ୍ୟ ଚିନ୍ତନ ମୌଳିକତାହୀନ, ସାହିତ୍ୟଦୃଷ୍ଟି ମନନଶୂନ୍ୟ। ନିଜ ମାଟି ପାଣି ପବନର ରୂପ-ରସ-ଗନ୍ଧ ସେମାନଙ୍କ ସାହିତ୍ୟରେ ନାସ୍ତି। ଏକ ପ୍ରକାର ଔପନିବେଶିକ ଅନୁଶାସନକୁ ଅକ୍ଷରେ ଅକ୍ଷରେ ମାନିନେଇ ସେମାନେ ଆଧୁନିକ ସାହିତ୍ୟ ଲେଖନ୍ତି ବୋଲି ପ୍ରଚାରିତ ହୋଇ ଆସୁଛନ୍ତି ମାତ୍ର । ନ ହେଲେ ମାଟି ଆଉ ମଣିଷର ମର୍ମକଥା, ସମକାଳୀନ ପ୍ରଜନ୍ମର ପ୍ରାଣପୀଡା, ନିଜ ସମୟର ଅନ୍ତଃସ୍ୱରରୁ ସେମାନଙ୍କ ସାହିତ୍ୟ ବଂଚିତ।

ବର୍ତମାନର ସାହିତ୍ୟ କିତାବୀ ସାହିତ୍ୟ – ଓଡିଆ ଭାଷାରେ ଏଇ କୋଡିଏ ତିରିଶ ବର୍ଷ ଧରି ସାହିତ୍ୟ ଆଳରେ କେବଳ ଏକ ଅଭ୍ୟାସକୁ ଅକ୍ଷର ରୂପ ଦିଆଯାଇ ଆସୁଛି । ମହାଭାରତରେ କୋକୁଆ ମାତିବା ପରି ଏବର ସାହିତ୍ୟରେ ସେମିତି ଅବକ୍ଷୟର ଅଣଚାଶ ମାହି ଆସିଚି । ଯେଉଁଠି ଦେଖ କେବଳ ଶୂନ୍ୟତାର ସ୍ୱର, ହତାଶାର ହାହାକାର, ବିଚିତ୍ର ବିକଳପଣର ବିଜ୍ଞପ୍ତି । ସାହିତ୍ୟରେ ଦେଖାଦେଇଛି ବିଷୟବସ୍ତୁର ସଂକଟ । ଶୈଳୀସର୍ବସ୍ୱ ଆଭିମୁଖ୍ୟ ଆଜି ସାହିତ୍ୟର ଧ୍ୟେୟ ଓ ଶ୍ରେୟ । ଆମର ଅଧିକାଂଶ ଲେଖକ କେତେଦୂର ଗାଆଁ ଗହଳର ଗହନ ଚିତ୍ରକୁ ରଙ୍ଗାଇ ପାରନ୍ତି ? ସେମାନେ କ'ଣ ବଂଚିବାର ସଂଗ୍ରାମ ଓ ସଂଘାତରେ ପ୍ରତି ମୁହୂର୍ତରେ ଜୀବନ୍ତ ଶହୀଦ ପାଲଟୁଥିବା ସାଧାରଣ ମଣିଷର କଥା ଓ ବ୍ୟଥାକୁ ନିଜ ସାହିତ୍ୟର ସରହଦକୁ ପାଛୋଟି ଆଣିଛନ୍ତି ? ବର୍ତମାନର ସାହିତ୍ୟରେ ବର୍ତମାନର ଜୀବନ ନାହିଁ, ସ୍ପର୍ଶ ନାହିଁ, ସଂଘର୍ଷ ନାହିଁ – ପରିବର୍ତନ ଓ ବିବର୍ତନର ପ୍ରମାଣପତ୍ର ନାହିଁ । ସୁତରାଂ ସାଂପ୍ରତିକ ସାହିତ୍ୟ ସମାଜ ଜୀବନଠାରୁ ସୁଦୂରବର୍ତୀ ହୋଇ ଉଠିବା 'ଳରେ ହରାଇ ବସୁଛି ପାଠକୀୟତା । ହଁ, ଆଜି ଓଡିଆ ସାହିତ୍ୟରେ ଶହଶହ ଲେଖକଙ୍କ ଆଟପଟାଳି, ମାତ୍ର ପାଠକ ଶହେରେ ସାତଜଣ ବାହାରିବେ କି ନାହିଁ ସନ୍ଦେହ ! ଏପରିକି ଯେଉଁମାନେ ତିରିଶ ଚାଳିଶବର୍ଷ ହେଲା ଲେଖାଲେଖି କରି ଆସୁଛନ୍ତି ସେମାନେ ନିଜ ଲେଖା ଛଡା ଅନ୍ୟ ଲେଖକମାନଙ୍କୁ ପଢିଥାନ୍ତି କି ଆନ୍ତରିକତାର ସହିତ ? ବରଂ ଓଡିଆ ଭାଷାର ଲେଖକ ତା ନିଜ ଭାଷାର ବହି ନ କିଣି କିଣିଥାଏ ବିଦେଶୀ ଭାଷାର ବହି । ସେ ସାରଳାଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଗୋପାଳକୃଷ୍ଣ, ବଳଦେବ ରଥ କି ଭୀମ ଭୋଇଙ୍କୁ ପଢି ନ ଥାଏ – କିନ୍ତୁ ସଦ୍ୟ ବିଦେଶୀ ଲେଖକମାନଙ୍କ ସବୁ ଖବର ତା' ନଖଦର୍ପଣରେ ! ମୁଁ କହୁନାହିଁ ଯେ ବିଦେଶୀ ଲେଖକଙ୍କ ବହିକୁ ବର୍ଜନ କରାଯାଉ – କାହିଁକିନା ସାହିତ୍ୟରେ ଏ ପ୍ରକାର ସ୍ୱଦେଶୀ ଆନ୍ଦୋଳନର କୌଣସି ସ୍ଲୋଗାନ୍ ବେଶିଦିନ ଚାଲିପାରେନା । ମାତ୍ର ମୋର କହିବାର କଥା ହେଉଚି – ନିଜ ଭାଷା, ନିଜ ସାହିତ୍ୟ ପ୍ରତି ଆମ ତଥାକଥିତ ଲେଖକମାନଙ୍କର ଏ ଧାରାବାହିକ ହୀନମନ୍ୟତାକୁ ଆମେ ବରଦାସ୍ତ କରି ଚାଲିଥିବା ଆଉ କେତେଦିନ ? ଏବେ ଆଉ ଏକ ଦୁଃଖଦାୟକ ଦିଗ ଉପରେ ଆଲୋକପାତ କରାଯାଉ । ଆଜି ଓଡିଆ ସାହିତ୍ୟ କ୍ଷେତ୍ରରେ ଲେଖକମାନଙ୍କ ଗହଳଚହଳ ଯେତେ ନଜରକୁ ଆସୁଛି, ସେ ଗହଳି ଭିତରେ ଆମେ କୌଣସି ବ୍ୟକ୍ତିତ୍ୱଗତ ବିଶାଳତା କି ବ୍ୟାପକତା ଲକ୍ଷ୍ୟ କରି ପାରୁଛୁ କି ? ଏଇ କିଛି ବର୍ଷ ତଳେ ଆମ ଆଖି ଆଗେ ଆଗେ ଆମେ ଦେଖୁଥିଲୁ ମହାନ୍ ସାହିତ୍ୟକର୍ମୀ ସେଇ ବିରଳ ବ୍ୟକ୍ତିତ୍ୱମାନଙ୍କୁ – ଯେଉଁଦିନ ପ୍ରତିଭାତ ହେଉଥିଲେ ଗୋଟିଏ ଗୋଟିଏ ଅନବଦ୍ୟ ନକ୍ଷତ୍ର ଭଳି । ମୁଁ ନିଜେ ଲକ୍ଷ୍ୟ କରିଚି, ସାହିତ୍ୟଦୃଷ୍ଟି ଓ ଦର୍ଶନକୁ ନେଇ ସେମାନେ ମଂଚରେ ବିତର୍କ ସୃଷ୍ଟି କରିଥାନ୍ତି ସିନା ହେଲେ ବ୍ୟକ୍ତିଗତ ସଂପର୍କରେ ସେମାନେ ବରାବର ବନ୍ଧା ଥିଲେ ପରମ ସୌହାର୍ଦ୍ଦ୍ୟର ସୂତ୍ରରେ । ଆଜିର ଓଡିଆ ସାହିତ୍ୟରେ ବ୍ୟକ୍ତିତ୍ୱର ସଂକଟ ଏକ ଦୁଃଖଦ ସତ୍ୟ । ସେଇଭଳି ବିଶାଳ ବ୍ୟକ୍ତିତ୍ୱ କ'ଣ ଆଜିକାଲି ଦେଖିବାକୁ ମିଳୁଛନ୍ତି ସତରେ ? ଇତିହାସରେ ଡାଇନୋସାର୍‌ମାନଙ୍କ ଯୁଗ ସରିଯାଇଥିବା ପରି ସାହିତ୍ୟରେ ମଧ୍ୟ ସଂପ୍ରତି ବ୍ୟକ୍ତିତ୍ୱର ସ୍ୱର ନିଶ୍ଚିହ୍ନ । ପୁରସ୍କାର ନପାଇଥିବା ବହୁ ବ୍ୟକ୍ତିତ୍ୱଶାଳୀ ସାହିତ୍ୟିକଙ୍କ ସିଂହାସନ ଥିଲା ସେତେବେଳେ ପାଠକର ହୃଦୟ ! ଏ ସୌଭାଗ୍ୟ କିନ୍ତୁ ଆଜିର ବହୁ ନାମୀଦାମୀ ପୁରସ୍କାରପ୍ରାପ୍ତ ଲେଖକଙ୍କ କପାଳରେ ଜୁଟିପାରିଛି କି ?ଶାସିତର ସାହିତ୍ୟ ଏ ଆଜିର ସାହିତ୍ୟ । ସାଧାରଣ ମଣିଷର ଅନୁପ୍ରବେଶ ଏ ସାହିତ୍ୟରେ କାହିଁ ? ଶାସନର ବରାଦୀ ବ୍ୟବସ୍ଥା ଭିତରେ, ପ୍ରଶାସନର ପ୍ରହେଳିକା ମଧ୍ୟରେ ସାହିତ୍ୟ ଦ୍ୱାହିରେ ସୃଷ୍ଟି ହେଉଛି ପ୍ରବଂଚନାର ପ୍ରସାରିତ ପରମ୍ପରା । ସତ୍ୟ ନୁହେଁ, ମିଥ୍ୟା ହିଁ ଆଜି ପାଲଟିଛି ସାହିତ୍ୟର ସୂଚିପତ୍ର। ବିବେକବୋଧ ନୁହେଁ, ବିଚାରବୋଧ ନୁହେଁ – ବିଶ୍ୱାସଘାତକତା ହିଁ ଆଜି ହୋଇପଡିଛି ଓଡିଆ ସାହିତ୍ୟର ମୁଖ୍ୟ ବିଷୟବସ୍ତୁ। ଆଜିର ସାହିତ୍ୟ ପ୍ରକୃତରେ ବିଶ୍ୱାସଘାତକତା କରିଚାଲିଚି ଚାରିପଟର ଛିନ୍ନବିଚ୍ଛିନ୍ନ ସମାଜଜୀବନ ପ୍ରତି ଏବଂ ଆଜିର ଲେଖକ ମଧ୍ୟ ନିଜ ପ୍ରତି ।ଭାରତବର୍ଷର ଭାଗ୍ୟ ବିଡମ୍ବନା ହେଉଛି – ବିଗତର ବିପ୍ଳବଗୁଡିକୁ ଧର୍ମ ନାମରେ ଆଖ୍ୟାୟିତ କରି ଯେଉଁଭଳି ସାମାଜିକ ପ୍ରହସନ ସୃଷ୍ଟି କରାଗଲା ଏବଂ ମଠ ଓ ମହନ୍ତମାନଙ୍କ ମାଳିକାନା ମଧ୍ୟରେ ଧର୍ମକୁ କବଳିତ କରି ସେ ଧର୍ମପ୍ରଚାର ପାଇଁ ସାହିତ୍ୟକୁ ଅସ୍ତ୍ର କରାଗଲା, ତାହାଦ୍ୱାରା ଭବିଷ୍ୟଦୃଷ୍ଟି ପ୍ରତି ଯେ କି ଶୋଚନୀୟ ବିପନ୍ନତାକୁ ଡାକି ଅଣାଗଲା – କେଥା ଚିନ୍ତା କରିବାର ସମୟ ଆସି ପହଂଚିଯାଇଚି । ଧର୍ମର ନିଶାରେ ସାହିତ୍ୟର ଚେତନା ପ୍ରଭାବିତ ହେବା ଦ୍ୱାରା ସମାଜଜୀବନ ହୋଇଉଠିଲା ଦିଗ୍‌ଭ୍ରଷ୍ଟ ଓ ବିଭ୍ରଷ୍ଟ । ତାପରେ ବିଜ୍ଞାନ, ଶିଳ୍ପବିପ୍ଳବ ଓ ମହାଯୁଦ୍ଧର ଆବର୍ତରେ ସାହିତ୍ୟ ପ୍ରଳୟ ପୟୋଧି ମଧ୍ୟରେ ଯେଉଁ ବଟପତ୍ରକୁ ଆଶ୍ରୟ କଲା, ତା' ହେଉଛି – ସମୟ ପ୍ରତି ଏକ ସଜାଗତା ଓ ବିଶ୍ୱାସବୋଧ ।ଆଜି ଓଡିଆ ସାହିତ୍ୟ ଏଇ ବିଶ୍ୱାସକୁ ଫେରାଇ ଆଣିବା ଦରକାର – ଯାହା ଏ ଆଧୁନିକ ସାହିତ୍ୟର ସାମର୍ଥ୍ୟ ବାହାରେ । ଆଧୁନିକ ସାହିତ୍ୟର ମୁଖାପିନ୍ଧା ଏକ ବିଶ୍ୱାସଘାତକ ପରମ୍ପରାର ପୂର୍ଣ୍ଣଚ୍ଛେଦ ନପଡିଲେ, ପ୍ରକୃତ ସାହିତ୍ୟ ପାଇଁ ସମ୍ଭାବନା ସୃଷ୍ଟି ହେବ କିପରି ? ନିଃଶ୍ୱାସରେ ନୁହେଁ, ବିଶ୍ୱାସରେ ହିଁ ବଂଚିବାର ବୀଜମନ୍ତ୍ର ଆମେ ସାହିତ୍ୟଠାରୁ ଆଶା କରୁଛୁ।


ମାୟାଧର ନାୟକ

ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩




# ଆଂଚଳିକ ଟ୍ରକ ମାଲିକ ସଂଘର ସାଧାରଣ ସଭା ଅନୁଷ୍ଠିତ

ଝୁମ୍ପୁରା: କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ବାମେବାରୀ ଅନ୍ତର୍ଗତ ବୈତରଣୀ ନଦୀ କୂଳ ସତୀଘାଟ ଠାରେ ରବିବାର ଦିନ ଆଂଚଳିକ ଟ୍ରକ ମାଲିକ ସଂଘର ପ୍ରଥମ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଂଘର ସମ୍ପାଦକ ରାଜେନ୍ଦ୍ର ବାରିକଙ୍କ ଆବାହନକ୍ରମେ ଏହି ସଭା ଆୟୋଜନ କରାଯାଇଥିବା ବେଳେ ସଂଘର ସଭାପତି ମନୋଜ କୁମାର ମହାନ୍ତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳନା ହୋଇଥିଲା । ଆଂଚଳିକ ଟ୍ରକ ମାଲିକ ସଂଘର କାଳିମାଟି ଏବଂ ଦେଓଝରେ ଠାରେ ଫେବୃଆରୀ ୨୬ରେ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହେବା ପରେ ଏହି ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଯୋଡା ଟ୍ରକ ମାଲିକ ସଂଘର ମେରୀରାୟ ନୀତିରେ ସାଧାରଣ ଟ୍ରକ ମାଲିକମାନେ ଗାଡି ଲୋଡିଙ୍ଗ ରୁ ବଂଚିତ ହୋଇ ନାନା ଇଲଜାର ହରକତ ହେଉଥିଲେ । ଫଳରେ ଯୋଡା ଟ୍ରକ ମାଲିକ ସଂଘ କୁ ବିରୋଧ କରି ଆଂଚଳିକ ଟ୍ରକ ମାଲିକ ସଂଘ ମୁଣ୍ଡ ଟେକିଥିଲା । ନୂତନ ସଂଘ ଗଠିତ ହେବା ପରେ ଏହି ସଂଘରେ ବର୍ତ୍ତମାନ ସୁଦ୍ଧା ୧ହଜାର ରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ ସେମାନଙ୍କ ନାମ ପଞ୍ଜିକରଣ କରି ସାରିଛନ୍ତି । ଆସନ୍ତା ମାସକ ମଧ୍ୟରେ ସମସ୍ତ ଯାନ ଗୁଡିକୁ କମ୍ପ୍ୟୁଟର କରଣ କରିବା ସହ ସମସ୍ତ ଖଣି ରୁ ମାଲ ପରିବହନ କରାଯିବ ବୋଲି ସଂଘର ସମ୍ପାଦକ ଶ୍ରୀ ବାରିକ ସୂଚନା ଦେଇଛନ୍ତି । ଆଂଚଳିକ ଟ୍ରକ ମାଲିକ ସଂଘ କୁ ସୁଚାର ରୂପେ ପରିଚାଳନା କରିବା ନିମନ୍ତେ ବର୍ତ୍ତମାନ ୨୨ ଜଣ ସଦସ୍ୟ ଙ୍କୁ ପରିଚାଳନା କମିଟିର ସଦସ୍ୟ କରାଯାଇଛି । ସେମାନଙ୍କ ମଧ୍ୟରୁ ସଭାପତି ମନୋଜ କୁମାର ମହାନ୍ତ, ଉପ-ସଭାପତି ଅର୍ଜୁନ କୁମାର ମୁଣ୍ଡା ଓ ମୁରଲୀଧର ମହାନ୍ତ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ବାରିକ, ସହ-ସମ୍ପାଦକ ମୋନୋବୋଧ ବେହେରା, ବୁଲୁ ଚରଣ ସାହୁ, ମହମ୍ମଦ କୋଷାଧ୍ୟକ୍ଷ ତପନକୁମାର ସାହୁ, ସେହିପରି ଉପଦେଷ୍ଟା ଆପଜର, କମଳାକାନ୍ତ ମହାକୁଡ, ଅନାଦି ବାରିକ, ବିଦ୍ୟାଲୋଚନ ସାହୁ, ମହମ୍ମଦ ସାବାଜ ଆଲ୍ଲାମ, ମହମ୍ମଦ ଓସିଦ୍ ଆକାନଲ୍ଲା, ମିଶ୍ର ମହାନ୍ତ, ପ୍ରଭାସ ପ୍ରସାଦ, ପର୍ଶୁରାମ ମହାନ୍ତ, ଗୋବିନ୍ଦ ଖିଲାର, ଜ୍ଞାନରଂଜନ ଖୁଣ୍ଡିଆ, ନନ୍ଦକିଶ୍ୱର ମହାନ୍ତ, ବସନ୍ତ କୁମାର ପଲେଇ, ସୋରଜ ବାରିକ, ରଣଜିତ କୁମାର ବେହେରା ଙ୍କୁ ଇ.ବି ମେମ୍ବର ଭାବେ କମିଟିରେ ସ୍ଥାନୀତ କରାଯାଇଛି । ଆୟୋଜିତ ସଭାରେ ଉପଦେଷ୍ଟା ମିଟିର ସଦସ୍ୟ ଉଜ୍ଜ୍ୱଳ ମହାନ୍ତ, ଜେଠୁରାମ ମହାନ୍ତ, ଗୋପୀନାଥ ଗୋପ, ଜୟନ୍ତ କୁମାର ବେହେରା, ମହମ୍ମଦ ମତିଉର ରହମାନ, ବିଚରଣ ନାୟକ, ରଞ୍ଜିତ ନାୟକ, ତ୍ରିଲୋଚନ ପଲେଇ ପ୍ରମୁଖ ଉପସ୍ଥିତ ରହି ଆଂଚଳିକ ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନଙ୍କ ସଂଘକୁ କିପରି ଭାବେ ସୁଦୃଢ କରିବା ସହ ଆଗାମୀ ଦିନରେ ଏକ ଅଗ୍ରଣୀ ଓ ସୁପ୍ରତିଷ୍ଠିତ ସଂଘ କରାଯିବ ସେ ଉଦ୍ଦେଶ୍ୟରେ ସୁଚିନ୍ତିତ ମତାମତ ଦେଇଥିଲେ । ଏହି ସାଧାରଣ ସଭାରେ ଚମ୍ପୁଆ ଉପଖଣ୍ଡ ସମେତ ପଳାଶପଙ୍ଗା ଅଚଂଳରୁ ୭ଶହରୁ ଉର୍ଦ୍ଧ୍ୱ ଟ୍ରକ ମାଲିକ ଯୋଗଦାନ କରିଥିବା ଦେଖିବାକୁ ମିଳିଥିଲା ।

## ମହୁଦୀପା ବାଲି ଘାଟରୁ ଚୋରା ବାଲି ଚାଲାଣ, ବିପୁଳ ରାଜସ୍ୱ ହାନି

କେନ୍ଦୁଝର: ସାହାରପଡା ତହସିଲ ଅନ୍ତର୍ଗତ ବୈତରଣୀର ମହୁଦୀପା ବାଲିଘାଟରୁ ବେଆଇନ୍ ବାଲି ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି । ଏ ନେଇ ପୂର୍ବରୁ ସ୍ଥାନୀୟ ଲୋକେ କେନ୍ଦୁଝର ଉପଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ନଦୀକୁ ଯାଉଥିବା ଗୋଟିଏ ରାସ୍ତାକୁ କାଟି ଦିଆଯାଇ ଥିଲା । ଏବେ ଏହି ରାସ୍ତାକୁ ମରାମତି କରି ବାଲି ମାଫିଆମାନେ ମନଇଚ୍ଛା ବାଲି ଲୁଟ୍ ପାଇଁ ସୁଯୋଗ ପାଉ ଥିବାରୁ ବିପୁଳ ରାଜସ୍ୱ ହାନି ହେଉଥିବା ଅଭିଯୋଗ ହୋଇଛି । କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣେ ମତ ପ୍ରକାଶ ପାଇଛି ।

# ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୪୨ ତମ ପ୍ରତିଷ୍ଠା ଦିବସ



ବଡଚଣା : ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଅନ୍ତର୍ଗତ ଅଣକା ଗ୍ରାପସ୍ଥିତ ନୁଆହାଟ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ସମ୍ମିଳନୀ ଗୃହରେ ମହାବିଦ୍ୟାଳୟର ଅଧକ୍ଷ ଡଃ ରାମଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥିଭାବେ ବଡଚଣାର କର୍ଣ୍ଣଧାର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥି ଯୋଗଦେଇଥିବାବେଳେ ମୁଖ୍ୟବକ୍ତାଭାବେ ବାଲେଶ୍ୱର ଫକିର ମୋହନ ୟୁନିଭରସିଟିର ପୂର୍ବତନ ଭାଇସ ଚାନସେଲର ପ୍ରଫେସର ଡଃ କୁମରବର ଦାସ ,ସମ୍ମାନିତ ଅତିଥିଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଉପାଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ତ୍ରିପାଠି,ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ସମାନ୍ତରାୟ ,ଅର୍ଥନିତି ବିଭାଗର ମୁଖ୍ୟ ଡଃ ପବିତ୍ର ମାହାଲା ପ୍ରମୁଖ ଯୋଗଦେଇ ବହୁ ଉପାଦେୟ ମନ୍ତବ୍ୟ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ପ୍ରତିଷ୍ଠାତା ବିଷ୍ଣୁ ସାମନ୍ତରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାମଂଚରେ ପହଂଚି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀନ ଗାନ କରାଯାଇଥିଲା । ଏହି ଅବସରରେ ପ୍ରତିଷ୍ଠା କମିଟିର ସଦସ୍ୟ ସୁରେନ୍ଦ୍ର କୁମାର ସାମଲ,ପଦ୍ମଚରଣ ରାଉତରାୟ, ନୃସିଂହ ପ୍ରସାଦ ବସନ୍ତିଆ ଓ ସାମ୍ବାଦିକ ନିର୍ମଳ ଚରଣ ସାମଲଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲାବେଳେ କଲେଜର ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଯୋଗ ଦେଇଥିଲେ । ଏହି ଅବସରରେ ମାନ୍ୟବର ବିଧାୟକ ଏକ ସାଇକେଲ ଷ୍ଟାଣ୍ଡର ଶିଳାନ୍ୟାସ କରିଥିଲେ । ମହାବିଦ୍ୟାଳୟର ଶ୍ରେଣୀଗୃହ ଆଦିର ସୁବିଧା ପାଇଁ ଅନୁଦାନ ଦେବା ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଅତିଥି ପରିଚୟ ବ୍ରଜକିଶୋର ସ୍ୱାଇଁ ପ୍ରଦାନ କରିଥିବାବେଳେ ପ୍ରମୋଦ କୁମାର ଖଣ୍ଡାଇ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ,ଜିଲ୍ଲା ଉପସଭାପତି ଅମର ମହାନ୍ତି,ଆମ୍ବା ଅଧକ୍ଷ ନିରଞ୍ଜନ ସେନାପତି , କୋଷାଧକ୍ଷ ମିହିର ସ୍ୱାଇଁ,ଛାତ୍ରସଭାପତି ଜତିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଲଟିଲା ପରେ ଜଳିଗଲା ହାଇୱା ଟ୍ରକ୍

କେନ୍ଦୁଝର:(ପି.ଏନ୍.):ରଣାଶାଳ ଠାରୁ ବାମେବାରୀ ସଂଯୋଗ କରୁଥିବା ରାଜ୍ୟ ରାଜପଥ ନଂ -୨ ବାଂଶପାଣି ବେଳବାଇ ପୋଲ ନିକଟ ରାସ୍ତା କଡରେ ଠିଆ ହୋଇଥିବା ଓଡି-୦୯ପି-୩୩୨୬ନଂ ହାଇୱା ଟ୍ରକ୍ ହଠାତ୍ ପଛକୁ ଗଡିଯିବା ଫଳରେ ରାସ୍ତାକଡ ଖାଲକୁ ଓଲଟି ପଡିଥିଲା । ପରେ ହାଇୱାଟିରେ ସର୍ଟସର୍କିଟ୍ ଯୋଗୁଁ ନିଆଁ ଲାଗିଯିବା ଫଳରେ ହାଇୱାଟି ହୁତୁହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା । ତୁରନ୍ତ ସ୍ଥାନୀୟ ଲୋକେ ଯୋଡା ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ । ତେବେ ସେତେବେଳକୁ ଗାଡିର କ୍ୟାବିନ୍ ସହ ଇଞ୍ଜିନ୍ ପୋଡି ଯାଇଥିବା ଖବର ମିଳିଛି । ହାଇୱାଟି ଜଳିବା ସମୟରେ ନିକଟରେ ଡ୍ରାଇଭର କିମ୍ବା ହେଲପର ଉପସ୍ଥିତ ନଥିଲେ । ତେବେ ସ୍ଥାନୀୟ ଦେଖଣାହାରୀମାନେ ମଧ୍ୟ ସଠିକ୍ କିଛି କହିପାରୁ ନାହାଁନ୍ତି । ତେବେ ହାଇୱାଟି ନିଜେ ଗଡିଯାଇ ଖାଲ ଭିତରକୁ ଓଲଟି ପଡିଥିଲା ନା ଡ୍ରାଇଭର ଭାରସାମ୍ୟ ହରାଇ ଦୁର୍ଘଟଣା ଘଟାଇବା ପରେ ସେଠାରୁ ଚମ୍ପଟ ମାରିଥିଲେ ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ ।

# କେନ୍ଦ୍ରାପଡାର ଆୟବା ଓ ଡିହାପଡାରେ ଗୋବରୀ ନଦୀକୁ ଭୟ : କୁମ୍ଭୀର ଖାଉଛି ମଣିଷ ଓ ଗୋରୁ, ସରକାରଙ୍କ ନିଦ ଭାଙ୍ଗୁନି

କେନ୍ଦ୍ରାପଡ଼ା : ଗତ ୨ବର୍ଷ ହେଲାଣି କେନ୍ଦ୍ରାପଡାର ଗୋବରୀ ନଦୀରେ ବଉଳା ଓ କଳା କୁମ୍ଭୀରମାନେ ବହୁଳ ସଂଖ୍ୟାରେ ବୁଲାବୁଲି କରୁଥିବା ଲୋକେ ଦେଖି ଭୟଭୀତ ହୋଇପଡିଛନ୍ତି । ଫଳରେ ନଦୀକୁ ଲାଗି ରହିଥିବା ଗ୍ରାମ ଗୁଡିକର ଗ୍ରାମବାସୀମାନେ ନଦୀତୁଠରେ ବ୍ୟବହାର ସମୟରେ କୁମ୍ଭୀରର ଶିକାର ହେଉଛନ୍ତି । ଗତ ସେପ୍ଟେମ୍ବର ମାସରେ ପଟ୍ଟାମୁଣ୍ଡାଇ ବ୍ଲକର ଡିହାପଡା ପଞ୍ଚାୟତ ଅନ୍ତର୍ଗତ କୁପୁନି ଗ୍ରାମର ଶ୍ରମିକ ନିତ୍ୟାନନ୍ଦ ସେନାପତିଙ୍କ ପୁଅ ଶିବାନନ୍ଦ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଏକ ବଉଳା କୁମ୍ଭୀର ତାଙ୍କୁ ଝାମ୍ପି ନେଇଥିଲା । ଗ୍ରାମବାସୀମାନେ ପ୍ରଶାସନକୁ ଅବଗତ କଲାପରେ ଦମକଳ ଗାଡି ଯାଇ ଖୋଜାଖୋଜି କରିଥିଲେ ମଧ ଶିବାନନ୍ଦର ଶବ ପାଇ ନଥିଲେ । ପଟ୍ଟାମୁଣ୍ଡାଇ ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରି ଚୁପ୍ ହୋଇ ବସିଯାଇ ଥିଲା ଏବଂ ଶବ ନ ମିଳିବାରୁ ପ୍ରଶାସନ ଆଜି ଯାଏଁ ଶିବାନନ୍ଦଙ୍କ ପରିବାରକୁ କୌଣସି ସହାୟତା ଦେଇନାହିଁ । ସେହିପରି ରାଜନଗର ଅଞ୍ଚଳର ଡାଙ୍ଗମାଳ ଠାରେ କୁମ୍ଭୀର ଆତଙ୍କ ପାଇଁ ଲୋକେ ଭୟଭୀତ । ଅନେକ ସମୟରେ ଲୋକେ କୁମ୍ଭୀର ହାବୁଡରେ ପଡି ମୃତ୍ୟୁବରଣ କରୁଛନ୍ତି । ଆୟବା ଗ୍ରାମର ଅନେକାଂଶ ଗୋବରୀ ନଦୀପଠାରେ ଅବସ୍ଥିତ । ଲୋକଙ୍କ ଗାଇଗୋରୁ ନଦୀରୁ ପାଣି ପିଉଥିବା ବେଳେ କୁମ୍ଭୀର ଖାଇଯାଉଛି ଓ ଅନେକ ସମୟରେ ଲୋକମାନଙ୍କୁ କୁମ୍ଭୀର ପାଇଁ ଆତଙ୍କିତ ହୋଇ ରହିବାକୁ ପଡିଛି । ବ୍ୟବହାର ଉପଯୋଗୀ ତୁଠମାନଙ୍କରେ ତାରବାଡ ଲଗାଯାଇ ଲୋକମାନଙ୍କୁ ସୁରକ୍ଷା ଦେବାପାଇଁ ପ୍ରଶାସନଙ୍କୁ ଅଭିଯୋଗ କଲେ ମଧ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ନିଦ୍ରାବ୍ରହ୍ମ ସାଜିଛନ୍ତି । ସାଧାରଣ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ଯେମିତି କାହାରି ଦାୟିତ୍ୱ ନଥିବା ପରି ମନେ ହେଉଛି । କୁମ୍ଭୀର ଆତଙ୍କ ଖବର ପାଇ ଗତକାଲି ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ ଆୟବା ଓ ଡିହାପଡା ଅଞ୍ଚଳର ଗୋବରୀ ନଦୀ ତୁଠ ଗୁଡିକୁ ବୁଲି ଦେଖିବା ସହ ଗ୍ରାମବାସୀମାନଙ୍କ ସହ ସେମାନଙ୍କ ସୁରକ୍ଷା ବିଷୟରେ ଆଲୋଚନା କରିଛନ୍ତି । ସାଧାରଣ ଲୋକଙ୍କ ଜୀବନର ସୁରକ୍ଷା ପ୍ରତି ଜିଲ୍ଲା ପ୍ରଶାସନ ବିଶେଷ କରି ଡି.ଏଫ୍.ଓ. ଯତ୍ନବାନ ନହେବା ଦ୍ୱାରା ମଣିଷ ଓ ଗାଇଗୋରୁ କୁମ୍ଭୀର ହାବୁଡରେ ପଡୁଛନ୍ତି ଏବଂ ବେଳେବେଳେ କୁମ୍ଭୀର ମଣିଷ ଖାଇଯିବାର ସୁଯୋଗ ପାଉଛି । ଲୋକଙ୍କ ଦାବି ଅନୁଯାଇ ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରତ୍ୟେକ ନଦୀତୁଠରେ ତାର ଡାଫେରୀ ବାଡ କରାଯାଇ ନଦୀଜଳର ବ୍ୟବହାର ପାଇଁ ସୁଯୋଗ ଦିଆଯିବା ସହ କୁମ୍ଭୀର ଘଉଡାଇବା ପାଇଁ ଗାର୍ଡ ବା ଜଙ୍ଗଲ କର୍ମଚାରୀ ନିଯୁକ୍ତି ଦେବାପାଇଁ କଂଗ୍ରେସ ନେତା ଶ୍ରୀ ସେଠୀ ଡି.ଏଫ୍.ଓ, ଜିଲ୍ଲାପାଳ, ପ୍ରମୁଖ ବନ ସଂରକ୍ଷକ(ପି.ସି.ସିଏଫ) ଓ ଜଙ୍ଗଲ ସଚିବଙ୍କୁ ଭେଟି ଆଲୋଚନା କରିବେ ବୋଲି ପ୍ରକାଶ କରିଛନ୍ତି ।

# ଡମ୍ପା ଘାଟରୁ ବାଲି ଚୋରା ଚାଲାଣ

କେନ୍ଦୁଝର:(ପି.ଏନ୍.):ବୈତରଣୀ ନଦୀର ବାତୋ-ତମ୍ପୋଶାଳଦେଇ ଘାଟରୁ ପ୍ରତିଦିନ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଛି । ସନ୍ଧ୍ୟା ହେଲେ ନିର୍ଦ୍ଦିଷ୍ଟ କେତେଜଣ ବ୍ୟବସାୟୀ ରାତି ସାରା ଟ୍ରାକ୍ଟର ଯୋଗେ ଯାଜପୁର ଜିଲ୍ଲାର କେତେକ କାରଖାନାକୁ ବାଲି ଚୋରା ଚାଲାଣ କରୁଥିବା ଅଂଚଳବାସୀ ଅଭିଯୋଗ କରିଛନ୍ତି । ବିବାଦୀୟ ପରିସ୍ଥିତି ଯୋଗୁଁ ବୈତରଣୀ ଘାଟ ଗୁଡିକ ନିଲାମ ହୋଇପାରୁ ନାହିଁ । ଘଷିପୁରା ତହସିଲ ପକ୍ଷରୁ ଏହି ଅଂଚଳରୁ ବାଲି ନଉଠାଇବା ପାଇଁ ନୋଟିସ୍ ଜାରି କରାଯାଇ ଥିଲେ ମଧ ସନ୍ଧ୍ୟା ପରେ ପ୍ରତିଦିନ ବାଲି ଚାଲାଣ ହେଉଛି । ସନ୍ଧ୍ୟା ପରେ ଟ୍ରାକ୍ଟର ଚଳାଚଳ ଓ ଟ୍ରାକ୍ଟର ଡାଲା ଶବ୍ଦରେ ଅଂଚଳବାସୀ ଅତିଷ୍ଠ ହୋଇ ପଡୁଛନ୍ତି । ଏହି ବାଲି ଘାଟ ଗୁଡିକୁ ସରକାରୀ ନିଲାମ ନକରିବା ପାଇଁ କେତେକ ସଚେତନ ନାଗରିକ ପ୍ରଶାସନକୁ ନିବେଦନ କରିଥିବା ବେଳେ ନିଲାମ ଜନିତ ବିବାଦ ଏବେ ନ୍ୟାୟାଳୟରେ ବିଚାରଧିନ ରହିଛି । ଏହା ସତ୍ତ୍ୱେ ପୂର୍ବ ପରି ବାଲି ଚାଲାଣ ହେଉଥିଲେ ମଧ ସ୍ଥାନୀୟ ରାଜସ୍ୱ ବିଭାଗ କର୍ମଚାରୀ ଧରପଗଡ କରିବା କିମ୍ବା ବାଲି ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଏ ନେଇ ଘଷିପୁରା ତହସିଲଦାର ବାବୁଲୁ ପେରେଇଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିବାଦୀୟ ପରିସ୍ଥିତି ଯୋଗୁଁ ଚଳିତ ବରଷ ଏହି ବାଲିଘାଟ ନିଲାମ୍ ଦିଆଯାଇ ନାହିଁ, ଚୋରା ଚାଲାଣ ଉପରେ ଧରପଗଡ କରାଯାଇ ଜରିମାନା ଆଦାୟ ହୋଇଛି ଏବଂ ଖୁବ୍ ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ ।

## ପ୍ରସ୍ତାବିତ ରାଇସ୍ ମିଲ୍ ପାଇଁ ପଲ୍ଲୀସଭାରେ ସହମତି ମିଳିଲା

କେନ୍ଦୁଝର: ପାଟଣା ବ୍ଲକ ବଡପାଟଣା ପଂଚାୟତ କୁଆପଶି ଗ୍ରାମରେ ଆଜି ପ୍ରସ୍ତାବିତ ନାରାୟଣ ରାଇସ୍ ମିଲ ସ୍ଥାପନ ପାଇଁ ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମର ୱାର୍ଡମେମ୍ବରଙ୍କ ଅନୁପସ୍ଥିତିରେ ବୟସ୍କ ନାଗରିକ ଲୋଚନ ମହାନ୍ତଙ୍କୁ ସର୍ବସମ୍ମତୀ କ୍ରମେ ପଲ୍ଲୀସଭାର ସଭାପତିତ୍ୱ ଦାୟୀତ୍ୱ ଦିଆଯାଇଥିଲା । ପାଟଣା ଥାନାଧିକାରୀ ସୋମନାଥ ଜେନାଙ୍କ ସହ ଥାନାର ଅନ୍ୟ ଅଧିକାରୀ ଓ ଏକ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ଥିଲେ । ସର୍ବସମ୍ମତି କ୍ରମେ ରାଇସ୍ ମିଲ୍ ସପକ୍ଷରେ ପଲ୍ଲୀସଭାରେ ପ୍ରସ୍ତାବ ପାରିତ ହୋଇଥିଲା ।

# ବିଶ୍ୱତାପନ ହ୍ରାସ ପାଇଁ ପ୍ରେରଣା ପକ୍ଷରୁ ଉଦଘାଟିତ ହେଲା ସହୀଦ ସ୍ମାରକୀ ବୃକ୍ଷରୋପଣ ଅଭିଯାନ

ଖୋର୍ଦ୍ଧା : ସ୍ୱାଧୀନତାର ୭୫ତମ ପୂର୍ତ୍ତି ଉତ୍ସବ ସମଗ୍ର ଦେଶରେ ମହାସମାରୋହରେ ପାଳିତ ହେବା ସହିତ ବିଭିନ୍ନ ପ୍ରକାର ନୃତ୍ୟ, ସଙ୍ଗୀତ,ସଭା ଓ ଶୋଭାଯାତ୍ରାମାନ ଆୟୋଜନକରାଯିବା ସହ ବିଭିନ୍ନ ଜନନାୟକମାନଙ୍କର ପ୍ରତିମୂର୍ତ୍ତି ସ୍ମୃତିସ୍ତମ୍ଭମାନ ନିର୍ମାଣ କରାଯାଉଛି । କିନ୍ତୁ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଓ ସହୀଦମାନଙ୍କ ନାମରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷସାରା ବୃକ୍ଷରୋପଣ କରାଯାଇ ସ୍ୱାଧୀନତାର ୭୫ ତମ ପୂର୍ତ୍ତି ଉତ୍ସବ ପାଳନ କରାଯିବ ବୋଲି ଆଜି ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥିତ ରାମଚନ୍ଦ୍ର କଳ୍ପନା ଜୁନିୟର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସହୀଦ ସ୍ମାରକୀ ବୃକ୍ଷରୋପଣ କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବରେ ମୁଖ୍ୟଅତିଥିଭାବେ ପ୍ରେରଣାର ସଭାପତି ତଥା ବିଶିଷ୍ଟ ପରିବେଶବିତ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ ଯୋଗଦେଇ ମତବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଗତ ୧୧ ତାରିଖ ଦିନ ଜାତିସଂଘର ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତ ଆଇ.ପି.ସି.ସି ଓ ନାସାର ରିପୋର୍ଟ ଅନୁସାରେ ବିଶ୍ୱତାପନ ବୃଦ୍ଧି ଯୋଗୁ ବିଶ୍ୱର ବିଭିନ୍ନ ସହର ,ଭାରତର ମୁମ୍ବାଇ,ଚେନ୍ନାଇ,କୋଚି ସମେତ ଓଡ଼ିଶାର ପାରାଦ୍ୱୀପ ସହର ୩ଫୁଟ ପାଣିରେ ଭିତରେ ରହିବ । କିନ୍ତୁ ବିଶ୍ୱତାପନ ହ୍ରାସ ପାଇଁ ଏକ ବଳିଷ୍ଠ ମାଧ୍ୟମ ହେଉଛି ବୃକ୍ଷରୋପଣ । ତେଣୁ ତାଙ୍କ ମତରେ ପ୍ଲାଣ୍ଟ ଏ ଟ୍ରି ଲୋକାଲି ରିଡ଼ଉସୁ ୱାରମିଙ୍ଗ ଗ୍ଲୋବାଲି ନୀତିକୁ ଅନୁସରଣ କଲେ ଏହାକୁ ପ୍ରତିହତ କରିବାରେ ମଣିଷ ସଫଳ ହେବ । ଏ ଦୃଷ୍ଟିରୁ ସ୍ୱାଧୀନତା ସଂଗ୍ରାମୀ ତଥା ଶହୀଦମାନଙ୍କ ନାମରେ ବୃକ୍ଷରୋପଣ ଦ୍ୱାରା ସେମାନଙ୍କ ସ୍ମୃତି ସୁରକ୍ଷା ହୋଇପାରିବ ଓ ଉତାପ ହ୍ରାସରେ ଏହା ସହାୟକ ହେବ ବୋଲି ଡ଼ଃ ଶ୍ରୀଚନ୍ଦନ କହିଛନ୍ତି । ଜନସାଧାରଣ ନିଜ ଗ୍ରାମରେ ଜନ୍ମ ନେଇଥିବା ସ୍ୱାଧୀନତା ସଂଗ୍ରାମୀ, ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦମାନଙ୍କ ନାମରେ ବୃକ୍ଷରୋପଣ କରି ଫଟୋ ପଠାଇଲେ ତାହା ଏକ ସ୍ୱତନ୍ତ୍ର ପୁସ୍ତକରେ ସ୍ଥାନ ପାଇବ । ଏହି ଅଭିଯାନର ଉଦଘାଟନ ଉତ୍ସବରେ ଡ଼ଃ ଶ୍ରୀଚନ୍ଦନ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମୀ ପାଇକ ବିଦ୍ରୋହର ପଞ୍ଚମହାରଥୀ ବକ୍ସି ଜଗବନ୍ଧୁ , ଜୟୀରାଜଗୁରୁ, ପିଣ୍ଡିକି ବାହୁବଳେନ୍ଦ୍ର,କୃତିବାସ ପାଟଶାଣୀ, ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ନାମରେ ୫ଟି ନିମ୍ବଗଛ ରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗ୍ରୀନମ୍ୟାନ ତଥା ଯୁବ ସମାଜସେବୀ ଇଂ ବିଶ୍ୱମୋହନ ପଟ୍ଟନାୟକ, ଓଡ଼ିଶା ବୀର ମହାସଂଘ ସଭାପତି ଡ଼ଃ ପ୍ରକାଶ ଶ୍ରୀଚନ୍ଦନ ଓ କମାଗୁରୁ କଲେଜ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ କଲେଜର ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ୍ ସାଜିଛନ୍ତି । ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି । ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି । ବେଦାନ୍ତର ଆଲୁମିନିୟମ ଏବଂ ପାୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି । କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ । ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି । ସାଧାରଣତଃ ଉତ୍ପାଦନ ଏବଂ ଭାରି ଇଞ୍ଜିନିୟରିଂ ସେଗମେଂଟ୍‌ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି । ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ । ଏପରିସ୍ଥଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି । ଓଡିଶାରେ ବେଦାନ୍ତର ପ୍ଲାଂଟ୍‌ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି । ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି । ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ । କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି । ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ । କମ୍ପାନୀର ଆଭିମୁଖ୍ୟକୁ ନିମ୍ନରେ ବର୍ଣ୍ଣନା କରାଯାଇଛି:

+ ମହିଳାମାନଙ୍କୁ କମ୍ପାନୀର ଅନ୍ୟ ସମସ୍ତ କର୍ମଚାରୀଙ୍କ ପରି, ସେମାନଙ୍କର ମନୋଭାବ ଏବଂ ଶିଖିବାର ଇଚ୍ଛା, ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା ଆଧାରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଏହା ପରେ ସେମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ମାଧ୍ୟମରେ ସର୍ବୋତମ ତାଲିମ ଯୋଗାଇ ଦିଆଯାଇଥାଏ । ଯାହାଦ୍ୱାରା ସେମାନେ ବିଭିନ୍ନ ପର୍ଯ୍ୟାୟରେ ପରିକଳ୍ପିତ ଇକୋସିଷ୍ଟମ୍‌ରେ ସଫଳ ହେବାର ସମ୍ଭବନା ଅଧିକ ରହିଥାଏ ।

+ ତୃତୀୟତଃ, ବେଦାନ୍ତରେ ନିଯୁକ୍ତ କର୍ମଚାରୀଙ୍କୁ ଚାକିରିର ନିଯୁକ୍ତି ସମ୍ପର୍କିତ କାର୍ଯ୍ୟଶୈଳୀର ବିଷୟବସ୍ତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ । ଯାହାକି କମ୍ପାନୀର ଗୁପ୍ତ ପରିକଳ୍ପନା ପରି ମନେହୁଏ । ବାସ୍ତବରେ ଏହା କର୍ମଚାରୀଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ସହାୟତା ଉପଲବ୍ଧ ହୋଇ ପାରିଥାଏ । ସଶକ୍ତିକରଣ ପାଇଁ ଭୂମିକା ପରିକଳ୍ପନା କରାଯାଇଥାଏ । ଏହା ସହିତ ସମ୍ପ୍ରତି ଆଲୁମିନିୟମ୍ ବ୍ୟବସାୟ ଏକ ଉଲ୍ଲେଖନୀୟ ମୋଡ଼ ଦେଇ ଗତି କରୁଛି । ତେଣୁ ଏହି କ୍ଷେତ୍ରରେ ବହୁ ନୂତନତ୍ୱ, କାର୍ଯ୍ୟଶୈଳୀର ନୂତନ ଉପାୟ, ପ୍ରକୃତ ବିବିଧତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ଷେତ୍ର ପାଇଁ ବିପୁଳ ସୁଯୋଗ ରହିଛି । ଯାହାକି ବହୁ ଅଜଣା ବିଷୟରେ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ କରାଇଥାଏ । ଯେହେତୁ କମ୍ପାନୀ କ୍ରମାଗତ ଭାବରେ ବିକାଶ ଧାରା ଜାରି ରଖିଛି, ତେଣୁ ନୂତନ ଉତ୍ପାଦର ବିକାଶ ଏବଂ ଏହାର କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରଣ ସହିତ ବେଦାନ୍ତର କାର୍ଯ୍ୟ-ସଂସ୍କୃତିରେ ଷ୍ଟାର୍ଟ ଅପ୍ ର ଉତ୍ସାହ ଏବଂ ବୃହତ ବିଶ୍ୱସ୍ତରୀୟ ସଂଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ ଧାରା ଜାରି ରହିଛି । କମ୍ପାନୀର ଉତ୍ପାଦନ କାରଖାନା ଓଡିଶା ଏବଂ ଛତିଶଗଡ ଆଭ୍ୟନ୍ତରୀଣ ଅଂଚଳରେ ରହିଛି । ସେଠାରେ କାର୍ଯ୍ୟ କରୁଥିବା ମହିଳାମାନେ ଦକ୍ଷ, ଉଚ୍ଚାଭିଳାଷୀ ଏବଂ ସୁପରିଚାଳିତ । ସେମାନେ ମୁଖ୍ୟ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି । ସେମାନଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେଦାନ୍ତ ଗର୍ବିତ ।ସିଭିଲ୍ ପ୍ରୋଜେକ୍ଟଗୁଡିକର ପରିଚାଳନାରେ ୧୪ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜ୍ୟୋତି ଆର. କ୍ରିଷ୍ଣା ଓଡିଶାର ଝାରସୁଗୁଡାସ୍ଥିତ ବେଦାନ୍ତର ଆଲୁମିନିୟମ୍ କମ୍ପ୍ଲେକ୍ସରେ ସିଭିଲ୍ ୱାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରେଳ ପ୍ରକଳ୍ପରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି । ଜ୍ୟୋତିଙ୍କ ଦୃଢ଼ ବିଶ୍ୱାସ ଯେ, ବେଦାନ୍ତର ବ୍ୟବସାୟରେ ପରିଚାଳନା ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । କମ୍ପାନୀ ଆଲୁମିନିୟମ ଉତ୍ପାଦନ କରିଥାଏ ଯାହାକି ଭାରତର ଆତ୍ମନିର୍ଭରଶୀଳତା ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ । ସେ ଏବଂ ତାଙ୍କ ସହକର୍ମୀ ଦେଶ ସେବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାନ୍ତି । ଯାହାଦ୍ୱାରା ଦେଶରେ ଯେଭଳି ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ଅଭାବ ପରିଲକ୍ଷିତ ହେବ ନାହିଁ । ଏହି ମିଶନ୍ ଲକ୍ଷ୍ୟ ବ୍ୟକ୍ତିଗତ ତଥା ଜଣେ ପେଶାଦାର କର୍ମଚାରୀ ଭାବେ ତାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହନ୍ତି । ବେଦାନ୍ତର ଝାରସୁଗୁଡା ପ୍ଲାଂଟ୍ ବିଶ୍ୱର ସର୍ବ ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଅନ୍ୟତମ । ଏଠାରେ ଭାରତରେ ଉତ୍ପାଦିତ ହେଉଥିବା ଏକ ତୃତୀୟାଂଶରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଥାଏ । ବେଦାନ୍ତର ଆଲୁମିନିୟମ ବ୍ୟବସାୟର କୋଇଲା କ୍ରୟ ଏବଂ ଚୁକ୍ତିନାମା ମୁଖ୍ୟ ବସୁଧା ସିଙ୍ଘଲ, ଇଲେକ୍ଟ୍ରୋନିକ୍ସ ଇନଷ୍ଟ୍ରୁମେଂଟସନ୍ ଆଣ୍ଡ କଂଟ୍ରୋଲରେ ଇଞ୍ଜିନିୟରିଂ ଡିଗ୍ରୀ ସମାପ୍ତ କରିବା ପରେ, ବହୁ ଉତ୍ପାଦନକାରୀ କମ୍ପାନୀର କ୍ୟାମ୍ପସ ପ୍ଲେସମେଂଟ ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗଦେଇଥିଲେ । ତେବେ ସେସବୁ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସମ୍ପୃକ୍ତ କମ୍ପାନୀ ବସୁଧାଙ୍କୁ ମନା କରିଦେଇଥିଲେ । କେବଳ ବେଦାନ୍ତ ଆଲୁମିନିୟମ ଏବଂ ପାୱାର ତାଙ୍କୁ ପ୍ଲେସମେଂଟ୍ ପ୍ରକ୍ରିୟା ଦେଇ ଯିବାକୁ ଉତ୍ସାହିତ କରିଥିଲେ । ତାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ବେଦାନ୍ତ ପକ୍ଷରୁ ବସୁଧାଙ୍କୁ ରକ୍ଷଣାବେକ୍ଷଣ ଇଞ୍ଜିନିୟର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା । ଉତ୍ପାଦନ ପ୍ରକ୍ରିୟାର ବିଭିନ୍ନ ଦିଗ ଜାଣିବା ପାଇଁ ବସୁଧାଙ୍କ ଆଗ୍ରହ ଯୋଗୁ ପରବର୍ତୀ ସମୟରେ ତାଙ୍କୁ ନିରାପତା ବିଭାଗରେ ନିଯୁକ୍ତି ମିଳିଥିଲା । ସୁରକ୍ଷା ହେଉଛି ବେଦାନ୍ତର ଶୀର୍ଷ ପ୍ରାଥମିକତା । ବସୁଧା ସଂଗଠନର ସୁରକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ । ବେଦାନ୍ତର ଝାରସୁଗୁଡା ପ୍ଲାଂଟର ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନସୀ କୁଜୁର ତାଙ୍କ କାର୍ଯ୍ୟ କାଳରେ ସମ୍ମୁଖୀନ ହେଉଥିବା ଏକାଧିକ ଆହ୍ୱାନର ମୁକାବିଲା ପଛଘୁଂଚା ନ ଦେଇ ସାହସର ସହିତ ସମ୍ପନ୍ନ କରିଛନ୍ତି । ଅପରାଧୀ, ସାମଗ୍ରୀ ଚୋରି ଉଦ୍ୟମ, ଅସ୍ତ୍ରଶସ୍ତ୍ରଧାରୀ ଅନୁପ୍ରବେଶକାରୀଙ୍କ ସଫଳ ମୁକାବିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଶାନ୍ତ, ନିର୍ଭୟ ଏବଂ ବୁଦ୍ଧିମତା ଦ୍ୱାରା ସମାଧାନ କରିବାରେ ସଫଳତା ହାସଲ କରିଛନ୍ତି । ସେ ସର୍ବଦା ହସହସ ମୁହଁରେ ପ୍ରତିଟି କାର୍ଯ୍ୟ କରିଥାନ୍ତି । ବେଦାନ୍ତ ବିଶ୍ୱାସ କରେ ଯେ, କମ୍ପାନୀର ମହିଳା କର୍ମଚାରୀମାନେ ବୃତିଗତ ଭାବେ ଯୋଗ୍ୟ ଏବଂ ସେମାନଙ୍କ ଭୂମିକା ବେଶ୍ ଅଭିଜ୍ଞ । ଏହା ସହିତ ସେମାନଙ୍କର ବିଭିନ୍ନ ଦୃଷ୍ଟିକୋଣ, ବୈଷୟିକ ଦକ୍ଷତା, ସହାନୁଭୂତି, କରୁଣା ଏବଂ ସଜାଗ ଏକନିଷ୍ଠ ଭାବ ଶିଳ୍ପକ୍ଷେତ୍ରର କାର୍ଯ୍ୟଶୈଳୀରେ ଏକ ନୂତନତ୍ୱ ଆଣିଥାଏ । ସେମାନଙ୍କଠାରେ ପାରମ୍ପରିକ ପୁରୁଷ ପ୍ରାଧାନ୍ୟ ଶିଳ୍ପରେ କାର୍ଯ୍ୟ କରିବାର ଉତ୍ସାହ ରହିଛି । ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି । ଏବେ ସମୟ ଆସିଛି, ଯାହାକି ମହିଳା କର୍ମଚାରୀଙ୍କ ପ୍ରତିଭା ତଥା ସୃଜନଶୀଳ ଯୋଗ୍ୟତା ଆଧାରରେ ସେମାନଙ୍କୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଯୋଗାଇ ଦିଆଯିବାର ପ୍ରୟାସ କରାଯିବା ଆବଶ୍ୟକ ।

## ଶିଶୁ ମଙ୍ଗଳ କମିଟି ସହଯୋଗରେ ନିଜ ଘରକୁ ଫେରିଲା ବିହାରୀ ନାବାଳକ

କେନ୍ଦ୍ରାପଡ଼ା : ଉଦ୍ଦେଶ୍ୟହୀନ ଭାବେ ନିଜ ଘରୁ ପଳାଇ ଆସିଥିବା ନାବାଳକକୁ କେନ୍ଦ୍ରାପଡା ସିଡବ୍ଲୁସି ସହାୟତାରେ ବିହାର ସ୍ଥିତ ନିଜ ଘରକୁ ପଠାଇ ଦିଆଯାଇଛି । ଜିଲ୍ଲା ଶିଶୁ ମଙ୍ଗଳ କମିଟିର କର୍ମକର୍ତା ମାନେ ଏହି ନାବାଳକକୁ ଦୁଇମାସ ଧରି ନିଜ ହେପାଜତ ରେ ରଖିବା ସହ ତା ପରିବାର ସହ ଯୋଗାଯୋଗ କରି ଗୁରୁବାର ତାକୁ ଘରକୁ ପଠା ଯାଇଛି । ଘଟଣା ମୁତାବକ ବିହାର ରାଜ୍ୟର ଲକିସରାଇ ଜିଲ୍ଲାର ବୃନ୍ଦାବନ ଗ୍ରାମର ରାହୁଲ କୁମାର (୧୫) ସାମନ୍ୟ ମାନସିକ ଭିନ୍ନକ୍ଷମ ହୋଇଥିବା ବେଳେ କୌଣସି କାରଣରୁ ନିଜ ଘରୁ ପଳାଇ ଆସି କେନ୍ଦ୍ରାପଡା ସହରରେ ଅସହାୟ ଅବସ୍ଥାରେ ବୁଲାବୁଲି କରୁଥିଲା । ପୁରୁଣା ବସଷ୍ଟାଣ୍ଡ ଅଂଚଳରେ କିଛିଦିନ ବୁଲାବୁଲି କରିବା ପରେ ଟାଉନଫାଣ୍ଡି ଜମାଦାର ନରେନ୍ଦ୍ରନାଥ ସୋରେନଙ୍କ ସହଯୋଗରେ ଶିଶୁ ମଙ୍ଗଳ କମିଟିର ମାର୍ଫତରେ ଦିଆଯାଇ ଥିଲା । କମିଟି ପକ୍ଷରୁ ବିକାଶ ସାମଲ ଓ ପୋଲିସ କର୍ମଚାରୀ ଆଶିଷ ରଞ୍ଜନ ଆଚାର୍ଯ୍ୟ ରାହୁଲକୁ ସାଙ୍ଗରେ ନେଇ ବିହାର ରେ ଥିବା ତାଙ୍କ ଘରକୁ ଯାଇଥିବା ଜଣାପଡିଛି । ବିଦାୟ ସମୟରେ ସିଡବ୍ଲୁସି ଚେୟାରମ୍ୟାନ ଭଗବତୀ ପ୍ରସାଦ ଦାସ, ସ୍ମିତାଞ୍ଜଳୀ ମହାପାତ୍ର, ବାଦଲ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## କୋର୍ଟ ପରିସରରେ ମିଳୁନି ପାନୀୟଜଳ, ନାହିଁ ଶୌଚାଳୟ

କେନ୍ଦ୍ରାପଡ଼ା: କେନ୍ଦ୍ରାପଡା ର ନୂତନ କୋର୍ଟ କମ୍ପେକ୍ସ ପରିସରରେ ପାନୀୟଜଳ ର ସୁବିଧା ନଥିବାରୁ ଆଇନଜୀବି , ମୋହରିର ଓ ଦୂର ଦୁରାନ୍ତରୁ ଆସୁଥିବା ଲୋକମାନେ ପିଇବା ପାଣି ଟୋପାକ ପାଇଁ ନାନା ହଇରାଣ ହରକତ ହେଉଥିବା ଅଭିଯୋଗ ହୋଇଛି । ଏହି ୪ମହଲା ବିଶିଷ୍ଟ କୋଠାରେ କୋର୍ଟକାର୍ଯ୍ୟ ପରିଚାଳନା ହେଉଥିବା ବେଳେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଦୈନିକ ଶହ ଶହ ମହକିଲ କୋର୍ଟ କାର୍ଯ୍ୟରେ ଅଦାଲତକୁ ଆସିଥାନ୍ତି । ଏହା ମଧ୍ୟରେ ପରିବାର ଅଦାଲତ ଚାଲି ଥିବାରୁ ବହୁ ସଂଖ୍ୟକ ମହିଳା ମହକିଲ ପାଣି ପିଇବା ପାଇଁ ନିକଟବର୍ତୀ ଦୋକାନ ବଜାରକୁ ଯାଉଥିବା ଦେଖିବାକୁ ମିଳୁଛି । କୋର୍ଟ ପରିସର ରେ ସାଧାରଣ ଲୋକଙ୍କ ପାଇଁ ପିଇବାପାଣି ଓ ଶୌଚାଳୟ ବ୍ୟବସ୍ଥା କରିବାକୁ ଆଇନଜୀବି ମୋହନ ସାହୁ, ଗଗନ ଜେନା, ଗଗନ ରାଉତ, ତାରିଣି ପଟଜୋସୀ, ସେକ ଅଜିମୁଦ୍ଦିନ, ଗୋଲଖ ରାଉତ, ଶାନ୍ତି ସ୍ୱରୂପ ଭୁୟାଁ, ଚୈତନ୍ୟ ଚରଣ ମଲିକ ପ୍ରମୁଖ ଦାବି କରିଛନ୍ତି ।




# ମାନସିକ ରୋଗ ଓ ଚିକିତ୍ସକ



ସ୍ୱର୍ଗରେ ଈଶ୍ୱରଙ୍କ ଭଳି ମର୍ତ୍ତ୍ୟରେ ଡାକ୍ତରଙ୍କୁ ଈଶ୍ୱର ବୋଲି କୁହାଯାଏ। ମାନବ ଜଗତ ପ୍ରତି ସେମାନଙ୍କ ଅବଦାନ ସମ୍ପର୍କରେ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ଭାରତରେ ଚିକିତ୍ସକ ଦିବସ ଭାବେ ପାଳନ କରାଯାଏ। ପ୍ରଥମ ଚିକିତ୍ସକ ଦିବସ ୧୯୯୧ରେ ପାଳନ କରାଯାଇଥିଲା। ପ୍ରସିଦ୍ଧ ଚିକିତ୍ସାବିତ୍ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଡକ୍ଟର ବିଧାନ ଚନ୍ଦ୍ର ରାୟଙ୍କ ସମ୍ମାନାର୍ଥେ ଏହି ଦିବସ ପାଳନ କରାଯାଏ। ୧୮୮୨ ଜୁଲାଇ ୧ ତାରିଖରେ ଜନ୍ମଲାଭ କରିଥିବା ବିଧାନଚନ୍ଦ୍ରଙ୍କର ୮୦ ବର୍ଷ ବୟସରେ ୧୯୬୨ରେ ମୃତ୍ୟୁ ହୋଇଥିଲା। ଭାରତର ସର୍ବୋଚ୍ଚ ବେସାମରିକ ପୁରସ୍କାର ଭାରତ ରତ୍ନରେ ତାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କ ଜୀବନ କାଳ ଭିତରେ ସେ ଅନେକ ହସ୍ପିଟାଲ ଓ ପ୍ରତିଷ୍ଠାନ ଆରମ୍ଭ କରିଥିଲେ। ଭାରତୀୟ ସମାଜ ଓ ଲୋକଙ୍କ ଉନ୍ନତି ପାଇଁ ତାଙ୍କ ତ୍ୟାଗ ଥିଲା ଅତୁଳନୀୟ। ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଚିକିତ୍ସକ ଏବଂ ତାଙ୍କର ଚିକିତ୍ସା ମୂଲ୍ୟବାନ ଜୀବନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। ତେଣୁ ଚିକିତ୍ସକଙ୍କୁ ଭଗବାନଙ୍କ ସହ ତୁଳନା କରାଯାଏ। ପ୍ରତ୍ୟେକ ବ୍ୟକ୍ତି ଚିକିତ୍ସକଙ୍କ ତ୍ୟାଗ, ସେବା ଓ ଚିକିତ୍ସାକୁ ଉଚିତ ସମ୍ମାନ ଦେବା ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଏ। ଏଥିସହ ଭାରତରେ ଜନସଂଖ୍ୟା ଢ଼େର ଅଧିକ ହୋଇଥିବାରୁ ଚିକିତ୍ସକଙ୍କ ଉପରେ ଅଧିକ ଗୁରୁଦାୟିତ୍ୱ ରହିଛି। ସାଧାରଣ ଜୀବନରେ ଚିକିତ୍ସକଙ୍କ ଯେଉଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ତାହା ମନେ ପକାଇଦେବା ଲାଗି ଏହି ଦିବସ ଉତ୍ସର୍ଗ କରାଯାଉଛି। ଏହି ଦିବସରେ ଅଧିକାଂଶ ବ୍ୟକ୍ତି ଚିକିତ୍ସକଙ୍କୁ ଫୁଲ, ଏବଂ ଗ୍ରିଟିଂ କାର୍ଡ଼ ଦେଇ ସମ୍ବର୍ଦ୍ଧନା ଜଣାନ୍ତି। ଏହି ଅବସରରେ ବିଭିନ୍ନ ସମାରୋହ ମଧ୍ୟରେ ଆୟୋଜନ କରାଯାଏ। ସାମ୍ପ୍ରତିକ ସମାଜ ତଥା ଚିକିତ୍ସା କ୍ଷେତ୍ରକୁ ଦେଖିଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଚିକିତ୍ସା ହେଉଛି ମାନସିକ ରୋଗ ଚିକିତ୍ସା। ଏ ରୋଗଟି ଏପରି ଏକ ଭାବଗତ ରୋଗ ଯାହାର ନିଦାନ ବା ପରୀକ୍ଷା ନିରୀକ୍ଷା ଅପେକ୍ଷା ରୋଗୀଟିର ପରିପାର୍ଶ୍ୱିକ ଅବସ୍ଥିତି, ସାମାଜିକ ସମସ୍ୟା ଓ ସବୁଠାରୁ ଅତୀବ ମୂଲ୍ୟବାନ କୁହାଯାଉଥିବା ମାନସିକ ସ୍ଥିତିକୁ ପ୍ରାଥମିକତା ଦିଆଯାଇଥାଏ। ଅନେକଙ୍କର ଭୁଲ ଧାରଣା ରହିଛି ଯେ ମାନସିକ ରୋଗର ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀକୁ ଯନ୍ତ୍ରଣା, ଇଲେକ୍ଟ୍ରିସକ୍ ନଦେଲେ ସେମାନେ ଭଲ ହେବେନାହିଁ ହେଲେ ଏହା ସମ୍ପୂର୍ଣ୍ଣ ଭୁଲ ବିଚାରଧାରା। ଏହି ଲେଖକ ନିଜ ମାନସିକରୋଗ ଚିକିତ୍ସା କ୍ଷେତ୍ରରେ ଦୀର୍ଘଦିନର ଅନୁଭୂତିକୁ ପାଥେୟ ଯାହା କରିଛି ସେ ଅନୁଭବ କରିଛି ଯେ ରୋଗୀଟିର ଚିକିତ୍ସା ଅପେକ୍ଷା ମନସ୍ତାତ୍ତ୍ୱିକ କ୍ଷେତ୍ରରେ ଦିଗ୍‌ଦର୍ଶନ ଦେବା ସହ ସେମାନଙ୍କ ଭାବଗତ ସାମାଜିକ ଜୀବନକୁ ଭାରସାମ୍ୟ ରଖିବା ପାଇଁ ପରାମର୍ଶ ଦ୍ୱାରା ରୋଗୀଟି ଆଶ୍ୱସ୍ତ ଲାଭ କରିଥାଏ। ପ୍ରାକାରାନ୍ତରେ କହିବାକୁଗଲେ ରୋଗୀମାନଙ୍କର ପୁର୍ନଜୀବନ ପ୍ରାପ୍ତି ହୋଇଥାଏ। ଆଜିର ଏହି ବିଜ୍ଞାନ ଯୁଗରେ ସମସ୍ତେ ଜାଣିବା ଉଚିତ ଯେ ମନୁଷ୍ୟ ଅତ୍ୟଧିକ ମାନସିକ ଚାପ ଯୋଗୁଁ ନାନା ଚିନ୍ତା ଓ ଅନ୍ୟାନ୍ୟ କାରଣ ଯୋଗୁଁ ମାନସିକ ଭାରସାମ୍ୟ ହରାଇଥାଏ। ପ୍ରତି ରୋଗ ପାଗଳାମି ନୁହେଁ ତେଣୁ ନିର୍ଦ୍ଧାରିତ ସମୟରେ ଚିକିତ୍ସକଙ୍କ ସହିତ ପରାମର୍ଶ କରି ନିୟମିତ ଅନୁପାତରେ ଔଷଧ ଖାଇଲେ ଏହି ରୋଗରୁ ଉପଶମ ମିଳିଥାଏ। ମାନସିକ ରୋଗ ଚିକିତ୍ସା କରୁଥିବା ଚିକିତ୍ସକମାନେ ରୋଗୀଟିର ଚିକିତ୍ସା କରିବା ସମୟରେ ଲମ୍ବା ସମୟର ଯେଉଁ ସମ୍ପର୍କ ଗଠନ ହୋଇଥାଏ ତାହା ସେ ରୋଗୀଟି ପାଇଁ ନିଶ୍ଚିନ୍ତ ଭାବରେ ଆଉଥରେ ଜନ୍ମ ପାଇବା ପରି କିନ୍ତୁ ଏହି ଚିକିତ୍ସକମାନେ ରୋଗୀ ସେବା କ୍ଷେତ୍ରରେ ତୀକ୍ଷ୍ଣ ଓ ନିଃସ୍ୱାର୍ଥପର ସେବା ଦେଉଥିବାରୁ ସେମାନଙ୍କର ବ୍ୟକ୍ତିଗତ ଜୀବନରେ ଅନେକ ଯନ୍ତ୍ରଣା ପାଇଥାନ୍ତି। ନିର୍ଦ୍ଧାରିତ ସମୟରେ ଘରେ ପହଞ୍ଚିବା ପାଇଁ ଡାକ୍ତରଖାନାରୁ ବା ଚିକିତ୍ସାଳୟରୁ ବାହାରିବା ସମୟରେ ଜଣେ ରୋଗୀଟିର ମୁମୂର୍ଷୁ ମୁହଁ ତାଙ୍କ ପଥରୋଧ କରିଥାଏ। ରୋଗୀଟିକୁ ମନସ୍ତାତ୍ତ୍ୱିକ କ୍ଷେତ୍ରରେ ସାନ୍ତ୍ୱନା ଦେବା, ଖାଉ ନଥିଲେ ଖାଦ୍ୟ ଗ୍ରହଣ ପାଇଁ ସ୍ନେହଶ୍ରଦ୍ଧାରେ ଆକଟ କରିବା, ବାହାରକୁ ଚାଲିଯାଉଥିଲେ ବୁଝାସୁଝା କରି ବେଡ୍‌କୁ ଫେରାଇ ଆଣିବାର ପ୍ରୟାସ ଭିତରେ ନିଜ ଦୈନନ୍ଦିନ ଜୀବନର ପାରିବାରିକ କ୍ଷେତ୍ରକୁ ପଛକୁ କରିବା ପାଇଁ ବାଧ୍ୟ ହୋଇଥାଏ। ସେ କ୍ଷେତ୍ରରେ ବ୍ୟବସାୟ ବା ନିର୍ଦ୍ଧାରିତ ସମୟ ଭିତର ଦାୟିତ୍ୱ ସମ୍ପାଦନା ଅପେକ୍ଷା ସବୁଠାରୁ ମୂଲ୍ୟବାନ ହୋଇଥାଏ ମାନବିକ ଦୃଷ୍ଟିକୋଣରୁ ସେହି ଲୋକଟି ପାଇଁ ଯଥେଷ୍ଟ ସମୟ ଦେବା। ଆଜିର କର୍ମବ୍ୟସ୍ତ ଜୀବନରେ ଚିକିତ୍ସା ସେବା କ୍ଷେତ୍ରରେ ଓଡ଼ିଶାର ଭିତ୍ତିଭୂମି ଯାହା ଜନସଂଖ୍ୟା ତୁଳନାରେ ଚିକିତ୍ସକ ନାହାଁନ୍ତି। ଜଣେ ଜଣେ ମାନସିକରୋଗ ଚିକିତ୍ସକଙ୍କୁ ଦିନରେ ବେଳେବେଳେ ଶହେଜଣ ରୋଗୀକୁ ଦେଖିବା ପାଇଁ ବି ବିବେକ ବାଧ କରିଥାଏ। ଯାହାଦ୍ୱାରା ଚିକିତ୍ସକ ଜଣେ ନିଜ ଘର ପରିବାର ବ୍ୟକ୍ତିଗତ ଜୀବନଠାରୁ ପ୍ରାଥମିକତା ହୋଇଥାଏ। ରୋଗୀଟିର ଚିକିତ୍ସା ମାନସିକ ରୋଗ ଚିକିତ୍ସାର କଷ୍ଟଦାୟକ ପ୍ରସଙ୍ଗ ହେଉଛି ଯେ ଏ କ୍ଷେତ୍ରରେ ରୋଗୀଟି ନିଜେ କ'ଣ କରୁଛି, ତାହା ଚାରିପଟର ପୃଥିବୀ କିପରି ଆତଯାତ ହେଉଛି, ତା'ପାଇଁ ଦେବଦୂତ ପାଲଟିଥିବା ଚିକିତ୍ସକଟିଏ ହୁଅନ୍ତୁ ବା ଆତ୍ମୀୟସ୍ୱଜନ। କାହାଙ୍କୁ ଜାଣିବାର ସାମର୍ଥ୍ୟ ପାଇନଥାଏ। ମୋ ପିଲାଦିନରୁ ମୋ ବାପା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ଗୋପାଳ ଚନ୍ଦ୍ର କରଙ୍କ ପାଖକୁ ଆସୁଥିବା ମାନସିକ ରୋଗୀମାନଙ୍କୁ ଦେଖି ଏ ବିଷୟରେ ଅଧିକ ଜାଣିବା ପାଇଁ ବହୁ ଗବେଷଣା କଲି। କେବଳ ମାନସିକ ରୋଗୀ ମାନଙ୍କ ପାଇଁ 'ମନକଥା ଜାଣନ୍ତୁ' ଶୀର୍ଷକ ପୁସ୍ତିକାରେ ସବିଶେଷ ମାନସିକ ଚିକିତ୍ସା କ୍ଷେତ୍ରର ମୂଲ୍ୟବାନ ପରାମର୍ଶ ଉଲ୍ଲେଖ କରିଛି। ଚିକିତ୍ସକ ଦିବସରେ ଚିକିତ୍ସକମାନଙ୍କ ପ୍ରତି ରୋଗୀଟିର ଆତ୍ମୀୟ ସ୍ୱଜନଙ୍କଠାରୁ ସେମାନଙ୍କ ବିଚାର ଚେତନାର ଭାବନା ବଦଳିବା ଦରକାର। ଚିକିତ୍ସକମାନେ ଅନେକ ପ୍ରତିବନ୍ଧକକୁ ଡେ଼ିଇଁ ରୋଗୀଟିର ଜୀବନ ବଞ୍ଚାଇବା ପାଇଁ ଅର୍ହନିଷ ଉଦ୍ୟମ ଜାରି ରଖିଥାନ୍ତି। ହେଲେ ଭୁଲବୁଝାମଣାର ଶିକାର ହୋଇଥାନ୍ତି ଚିକିତ୍ସକ ଜଣଙ୍କ। ଚିକିତ୍ସକ ଦିବସରେ ଏହି ବିଶ୍ୱାସର ଭାବନା ଦୃଢ଼ୀଭୂତ ହେଉ ଏହାହିଁ ରୋଗୀଟି ପ୍ରତି ଆମ ସମସ୍ତଙ୍କର ଉତ୍ତରଦାୟିତ୍ୱ ବୋଲି ବୁଝାଯିବ।

**ଡାକ୍ତର ସମ୍ରାଟ କର,**
**ମାନସିକ ରୋଗ ବିଶେଷଜ୍ଞ, ପୁରୀଘାଟ ରୋଡ଼୍, କଟକ, ଦୂରଭାଷ : ୯୧୩୨୪୩୩୩୩୩**

## ଡ଼ଃ. କୃଷ୍ଣଚନ୍ଦ୍ର ବସ୍ତିଆଙ୍କ ୮ମ ଶ୍ରାଦ୍ଧବାର୍ଷିକୀରେ ସ୍ମୃତିଚାରଣ ସଭା



କେନ୍ଦ୍ରାପଡା (ପିଏନ୍): ବଳଦେବ ଜୀଉ ବିଦ୍ୟାଭବନ ପରିସରରେ ବିଶିଷ୍ଟ ଶିକ୍ଷାବୀତ ତଥା ବିଜେଡି କଲେଜର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗତ ଡ଼ଃ.କୃଷ୍ଣଚନ୍ଦ୍ର ବସ୍ତିଆଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିଚାରଣ ସଭା ପୁରାତନ ଛାତ୍ରସଂସଦ ଓ ବଳଦେବଜୀଉ ବିଦ୍ୟାଭବନର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭବାନୀ ପ୍ରସାଦ ଓଝାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବୀତ ଈଶ୍ୱର ଚନ୍ଦ୍ର ସାହୁ, କୁଳମଣୀ ନାୟକ, ଡା. ନିରଞ୍ଜନ ପରିଡା, ପଣ୍ଡିତ ହୃଷିକେଶ ର. ବିଜୟ କେତନ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବସ୍ତିଆଙ୍କ ସ୍ମୃତିଚାରଣ କରିବା ସହ ଅନୁଷ୍ଠାନର ଉତ୍ତରୋତ୍ତର ଉନ୍ନତି କାମନା କରି ତାଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃପାସିନ୍ଧୁ ସାହୁ, ଶାନ୍ତିଲତା କର, ଅଧ୍ୟାପକ ଅଶୋକ କୁମାର ଦାସ, ଗଦାଧର ବେହେରା, ଡ଼ଃ.ସ୍ମୃତିରଞ୍ଜନ ବେହେରା, ଗୌରାଙ୍ଗ ଚରଣ ସାହୁ, ଗଙ୍ଗାଧର ସାହୁ, ଭୈରବାନନ୍ଦ ସାମଲ, ଅଧକ୍ଷ ଲକ୍ଷ୍ମୀଧର ପଲାଇ, ଦିନବନ୍ଧୁ ଲେଙ୍କା, କ୍ଷୀରୋଦ ବେହେରା, ସ୍ୱାଗତିକା ଓଝା, ମଞ୍ଜୁଲତା ପ୍ରଧାନ, ଶିକ୍ଷକ ମଧୁସୁଦନ ବେହେରା, ଡ଼ଃ. ପ୍ରଭାକର ମଲ୍ଲିକ, ଉତ୍ତମଚରଣ ପ୍ରଧାନ, ନିରାକାର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ମଧୁସୁଦନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢାଇଲା ଟ୍ରଷ୍ଟ



କେନ୍ଦ୍ରାପଡା (ପିଏନ୍): ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ସବୁବେଳେ ଅସହାୟ ଲୋକମାନଙ୍କୁ ସହାୟତାର ହାତ ବଢାଇଥାଏ। ଟ୍ରଷ୍ଟର ମୁଖ୍ୟ ପୃଷ୍ଠପୋଷକ ଡ଼ଃ. ଦେବେନ୍ଦ୍ର କୁମାର ଦାସ ସୁଦୂର ଆମେରିକାରେ ଥାଇ ମଧ ବଡହାଟ ଇମାମବାଡାରେ ଅଗ୍ନିବିପନ୍ନଙ୍କ ସମ୍ପର୍କରେ ଖବରପାଇ ତୁରନ୍ତ ସେମାନଙ୍କୁ ସହାୟତା ପ୍ରଦାନ କରିବାକୁ ଟ୍ରଷ୍ଟର ସଂଯୋଜକ ତଥା ଜନସେବକ ପ୍ରଦୀପ କୁମାର ମହାନ୍ତିଙ୍କୁ ଅନୁରୋଧ କଲେ। ସଂଯୋଜକ ଶ୍ରୀ ମହାନ୍ତି ସଦସ୍ୟ ଚିତ୍ତରଞ୍ଜନ ଦାସଙ୍କ ସହ ବିପନ୍ନ ପରିବାରଙ୍କ ପାଖରେ ପହଁଚି ସେମାନଙ୍କୁ ଶାନ୍ତ୍ୱନା ପ୍ରଦାନ କରି ଷ୍ଟୋଭ, ବିସ୍କୁଟ, ଚୁଡା, ଶାଢୀ ଓ ଲୁଙ୍ଗି ପ୍ରଭୃତି ସହାୟତା ଦେଇ ଏଭଳି ବିପତ୍ତି ସମୟରେ ଧୈର୍ଯ୍ୟ ଧରିବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ବିପନ୍ନ ପରିବାରଗୁଡିକୁ ସରକାରୀ ଯୋଜନାର ଅନ୍ତର୍ଭୁକ୍ତ କରି ସେମାନଙ୍କୁ ପକ୍କାଘର ଯୋଗାଇଦେବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସେକ ଫାରୁକ ସହଯୋଗ କରିଥିଲେ।

# ରାଜ୍ୟ ସରକାରଙ୍କ ଅବହେଳାରୁ ଜଙ୍ଗଲ ଲୋପ ପାଇ ଚାଲିଛି

ଭୁବନେଶ୍ୱର (ଓଏନ୍ଏସ୍): କ୍ରମେ ଓଡ଼ିଶାରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଡ଼େରାଡୁନ୍‌ଠାରେ ଥିବା ଭାରତୀୟ ବନ ସର୍ଭେକ୍ଷଣ ସଂସ୍ଥାର ରିପୋର୍ଟ ଅନୁଯାୟୀ ଆଗାମୀ ୨୦ବର୍ଷ ମଧ୍ୟରେ ରାଜ୍ୟରେ ସବୁତକ ଜଙ୍ଗଲ ଧ୍ୱଂସ ପାଇଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଇଛି। ସୂଚନାଯୋଗ୍ୟ ଯେ, ୧୯୮୧ ମସିହାରେ ରାଜ୍ୟରେ ପ୍ରାୟ ୫୯୯୬୩ ବର୍ଗ କିଲୋମିଟର ଅଂଚଳ ଜଙ୍ଗଲ ପରିବେଷ୍ଟିତ ଥିଲା। ସେତେବେଳେ ଏହା ରାଜ୍ୟର ଭୌଗୋଳିକ ପରିସୀମାର ୩୮ ଭାଗ ଥିବାବେଳେ ଭାରତ ବର୍ଷର ମୋଟ ଜଙ୍ଗଲ ପରିମାଣର ୮ଭାଗ ଥିଲା। ହେଲେ ୧୯୯୭ ସୁଦ୍ଧା ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ଜଙ୍ଗଲ ପରିମାଣ ୫୮୧୩୫.୪୭ ବର୍ଗ କି.ମି.କୁ ଖସି ଆସିଥିଲା। ଏଥିମଧ୍ୟରେ ଚିହ୍ନଟ ସଂରକ୍ଷିତ ଜଙ୍ଗଲ, ଅଣ ଚିହ୍ନଟ ଜଙ୍ଗଲ, ଅଣ ଶ୍ରେଣୀଭୁକ୍ତ ଏବଂ ଅନ୍ୟାନ୍ୟ ଜଙ୍ଗଲ ପରିଣାମ ଯଥାକ୍ରମେ ୨୬୨୩୯.୧୬ବର୍ଗ କି.ମି., ୧୧୬୮୫.୬୮ ବର୍ଗ କି.ମି., ୩୮୩୮.୭୮ ବର୍ଗ କି.ମି. ଓ ୧୬୨୬୧.୩୪ ବର୍ଗ କି.ମି. ରହିଥିଲା। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୪୫ ହଜାର ବର୍ଗ କି.ମି. ଜଙ୍ଗଲ ରହିଥିବା କୁହାଯାଉଛି। ମାତ୍ର ଜଙ୍ଗଲ ପରିମାଣକୁ ନେଇ ବିଭିନ୍ନ ସମୟରେ ଭାରତୀୟ ବନ ସଂରକ୍ଷଣ ସଂସ୍ଥାର ରିପୋର୍ଟ ଓ ରାଜ୍ୟ ସରକାରଙ୍କ ରିପୋର୍ଟରେ ତାରତମ୍ୟ ରହୁଛି। ବାସ୍ତବତା ଦେଖାଗଲେ, ବର୍ତ୍ତମାନ ଓଡ଼ିଶାରେ ୩୦ହଜାର ବର୍ଗ କି.ମି. ଜଙ୍ଗଲ ଥିବାନେଇ ସନ୍ଦେହ ରହିଛି। ପ୍ରତିବର୍ଷ ରାଜ୍ୟରେ ୭୦୦ରୁ ୯୦୦ ବର୍ଗ କି.ମି. ଆୟତନର ଜଙ୍ଗଲ ଧ୍ୱଂସ ପାଉଛି। ଏଥିରେ ଅବିଭାଜିତ କୋରାପୁଟ ଜିଲ୍ଲା ବହୁ ଆଗରେ ରହିଛି। ଉପକୂଳବର୍ତ୍ତୀ ଅଂଚଳରେ ଲୁଣା ଜଙ୍ଗଲ ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇ ସାରିଛି। ୧୯୯୯ ମହାବାତ୍ୟାରେ ୭୫ ଭାଗ ଲୁଣା ଜଙ୍ଗଲ ଧ୍ୱଂସ ପାଇଥିଲା। ଓଡ଼ିଶାର ଜଙ୍ଗଲ ଇତିହାସକୁ ଖେଳେଇଲେ, ଅନେକ ତଥ୍ୟ ସାମ୍ନାକୁ ଆସିବ। ସ୍ୱାଧୀନତା ବେଳେ ୧୭ଟି ଟେରିଟୋରିଆଲ୍ ଡ଼ିଭିଜନ୍ ଥିବା ଓଡ଼ିଶାର ଜଙ୍ଗଲ ବିଭାଗ ଜଣେ ପ୍ରିନ୍ସପାଲ୍ ବନ ସଂରକ୍ଷକଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସେତେବେଳେ ଜଙ୍ଗଲ ମାଫିଆମାନେ ସକ୍ରିୟ ହୋଇ ଉଠିଥିଲେ ଓ ଦ୍ରୁତ ଗତିରେ ଜଙ୍ଗଲ ଧ୍ୱଂସ ପାଇ ଚାଲିଲା। ଜଙ୍ଗଲ ଧ୍ୱଂସ ଆଶଙ୍କାରେ ରାଜ୍ୟ ସରକାର ୧୯୬୨ରେ ୭ଟି ଆଫୋରଷ୍ଟେସନ୍ ଡ଼ିଭିଜନ୍ ଖୋଲିଲେ। ଅର୍ଥାତ୍ ଏହା ମାଧ୍ୟମରେ ଜଙ୍ଗଲ ଧ୍ୱଂସକୁ ରୋକାଯାଇପାରିବ ଓ ଜଙ୍ଗଲ ପୁନରୁଦ୍ଧାର ହୋଇ ପାରିବ ବୋଲି ଲକ୍ଷ୍ୟ ରଖାଗଲା। କିନ୍ତୁ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା ଓ ୧୯୭୩ରେ ରାଜ୍ୟ ସରକାର କେନ୍ଦୁପତ୍ରକୁ ସ୍ୱତନ୍ତ୍ର ବିଭାଗରେ ପରିଣତ କଲେ ଓ ଏଥିପାଇଁ ରାଜ୍ୟରେ ୧୨ଟି ଡ଼ିଭିଜନ୍ ଖୋଲାଗଲା। ଆଶ୍ଚର୍ଯ୍ୟର କଥା ଯେ, ଜଙ୍ଗଲ ବିଭାଗକୁ ଭାଗଭାଗ କରାଯାଇ ଅଧିକରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବା ସତ୍ତ୍ୱେ ଜଙ୍ଗଲ ଧ୍ୱଂସ ଅବ୍ୟାହତ ରହିଲା। କ୍ରମେ ରାଜ୍ୟବାସୀଙ୍କ ଉପରେ ଏହାର କୁପ୍ରଭାବ ପଡ଼ିଲା। ପରିବେଶ ପ୍ରଦୂଷିତ ହେବାରେ ଲାଗିଲା। ବର୍ଷକୁ ବର୍ଷ ତାପମାତ୍ରା ବଢିଲା। ଭବିଷ୍ୟତରେ ଭୟାବହତାର ଆଶଙ୍କା କରାଗଲା। ଆଉ ରାଜ୍ୟ ସରକାର ଜଙ୍ଗଲ ସୁରକ୍ଷା ନିମନ୍ତେ କୌଣସି ସନ୍ତୋଷ ଜନକ ପଦକ୍ଷେପ ନେଇ ପାରୁ ନଥିବାବେଳେ ୧୯୮୪ରେ ସୁଇଡ଼େନ୍ ସରକାର ରାଜ୍ୟରେ ଆରମ୍ଭ କଲା, "ସାମାଜିକ ବନ୍ୟ ପ୍ରକଳ୍ପ" କାର୍ଯ୍ୟକ୍ରମ। ଜଣେ ପ୍ରିନ୍ସପାଲ୍ ସିସିଏଫ୍‌ଙ୍କ ଦ୍ୱାରା ଜଙ୍ଗଲ ବିଭାଗ ପରିଚାଳିତ ହେଲେ ମଧ୍ୟ ଭିନ୍ନ ଭିନ୍ନ ଜଙ୍ଗଲ ସଂପଦକୁ ଅଲଗା ଅଲଗା କରାଯିବା ଦ୍ୱାରା ଜଙ୍ଗଲ ରକ୍ଷା ପାଇବା ସହ ଜଙ୍ଗଲ ସଂପଦର ସୁରକ୍ଷା ହୋଇ ପାରିବ ବୋଲି ଲକ୍ଷ୍ୟ ରଖା ଯାଇଥିଲା। ମାତ୍ର ଆଜି ସରକାର ନିଜ ଲକ୍ଷ୍ୟ ସ୍ଥଳରେ ପହଂଚିବାରେ ବିଫଳ ହୋଇଛନ୍ତି। ଜଙ୍ଗଲ କ୍ଷୟ ଅବ୍ୟାହତ ଥିବାବେଳେ ସାମାଜିକ ବନ୍ୟ ପ୍ରକଳ୍ପ ବିଫଳ ହୋଇଛି। ଜଙ୍ଗଲ ସଂପଦ ଉତ୍ପାଦନ ହ୍ରାସ ପାଇଛି ଓ ଜଙ୍ଗଲ ମାଫିଆ ତଥା କର୍ମଚାରୀଙ୍କ ଦ୍ୱାରା ମୂଲ୍ୟବାନ୍ ଜଙ୍ଗଲ ସଂପଦ ଆଖିବୁଜା ଲୁଟ୍ ହେଉଛି ଏବଂ ବହୁ ସଂଖ୍ୟାରେ ଜଙ୍ଗଲ ପ୍ରାଣୀ ଅକାଳ ମୃତ୍ୟୁ ବରଣ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଧଳା ହରିଣ, କଇଁଛ, କୁମ୍ଭୀର ଓ ବାରହାଙ୍କର ସୁରକ୍ଷା ଓ ସେମାନଙ୍କର ବଂଶ ବୃଦ୍ଧି ପାଇଁ ରାଜନଗର ୱାଇଲଡ଼୍ ଲାଇଫ୍ ଡ଼ିଭିଜନ୍ ଖୋଲାଯାଇ ଥିବାବେଳେ ଟାଇଗର୍ ପ୍ରକଳ୍ପ ପାଇଁ ସିମିଳିପାଳ ଅଭୟାରଣ୍ୟ ବା ୱାଇଲଡ଼୍ ଲାଇଫ୍ ଡ଼ିଭିଜନ୍ ତଥା ହାତୀ, ବାଘ, ଗୟଳ, ସମ୍ବର ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ରାଜ୍ୟରେ ୧୮ଟି ଅଭୟାରଣ୍ୟ ଓ ୨ଟି ଜାତୀୟ ଉଦ୍ୟାନ ପ୍ରାୟ ୬୬୭୭.୫୦ବର୍ଗ କି.ମି. ଅଂଚଳରେ ପ୍ରତିଷ୍ଠା କରାଯାଇଥିଲା। ବିଭାଗୀୟ ଅବହେଳା ଓ ସୁରକ୍ଷା ଅଭାବରୁ ଅକାଳ ହାତୀ ମୃତ୍ୟୁ ଘଟଣା ବଢିଚାଲିଛି। ଭିତରକନିକା ପ୍ରାଣୀ ଅଭୟାରଣ୍ୟ, ସାମୁଦ୍ରିକ ଅଭୟାରଣ୍ୟ ଓ ଜାତୀୟ ଉଦ୍ୟାନ ପରିଚାଳନାରେ ବ୍ୟାପକ ତ୍ରୁଟି ରହୁଥିବାରୁ କୁମ୍ଭୀର, ଅଲିଭ୍ ରିଡ୍‌ଲେ କଇଁଛ, ବିଦେଶୀ ପକ୍ଷୀ, ବାରହା ଓ ଧଳା ହରିଣ ଆଦି ଜୀବଜନ୍ତୁ ତଥା ସରୀସୃପ ଅସୁରକ୍ଷା ବଳୟ ଭିତରେ ରହୁଛନ୍ତି। କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି ଯୋଗୁ କ୍ରମେ ଏଠାକୁ ଆସୁଥିବା କଇଁଛଙ୍କ ସଂଖ୍ୟା ହ୍ରାସ ପାଉଛି। ଜଙ୍ଗଲ ସୁରକ୍ଷା ଓ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ସରକାର ଅନେକ ସ୍ୱାଗତଯୋଗ୍ୟ ପଦକ୍ଷେପ ନେଉଛନ୍ତି। ଗତ ୨ବର୍ଷ ମଧ୍ୟରେ ବିଭିନ୍ନ ଅଂଚଳରେ କୃତ୍ରିମ ଜଙ୍ଗଲ ସୃଷ୍ଟି ପାଇଁ ପ୍ରାୟ ୫୦ହଜାର ହେକ୍ଟର ଅଂଚଳରେ ବୃକ୍ଷରୋପଣ କରା ଯାଇଥିବା ବେଳେ ୪୦ହଜାର ହେକ୍ଟର ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ୫ହଜାର ହେକ୍ଟର ବେଳାଭୂମିରେ ଝାଉଁ ବୃକ୍ଷ ରୋପଣ ଓ ବ୍ୟକ୍ତିବିଶେଷଙ୍କ ବାଡ଼ି ବଗିଚାରେ ବୃକ୍ଷ ସୃଷ୍ଟି ପାଇଁ ଉଦ୍ୟମ କରାଯାଉଛି। କିନ୍ତୁ ଜଙ୍ଗଲ ସୁରକ୍ଷା ଓ ନୂଆ ଜଙ୍ଗଲ ସୃଷ୍ଟି ପାଇଁ ସରକାରଙ୍କର ବିଭିନ୍ନ ପଦକ୍ଷେପର ସ'ଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଯେହେତୁ କେତେକ କାର୍ଯ୍ୟକ୍ରମ ଖାତାପତ୍ର ବା ଘୋଷଣାରେ ସୀମିତ ରହିଥିବାବେଳେ ଆଉ କେତେକ କାର୍ଯ୍ୟକାରୀତାରେ ଅନିୟମିତତା ରହିଛି। ସରକାର ଆନ୍ତରିକତାର ସହ ଏଥିପ୍ରତି ଦୃଷ୍ଟି ଦେବା ଉଚିତ। ଏବେ ଜଙ୍ଗଲ ସଂପଦରୁ ରାଜ୍ୟ ସରକାରଙ୍କର ଆୟ ଧାର୍ଯ୍ୟଲକ୍ଷ୍ୟରୁ ବହୁ କମ୍ ରହୁଛି। ସରକାର ଦୃଷ୍ଟି ଦେଲେ, ରାଜ୍ୟରେ କେନ୍ଦୁପତ୍ରରୁ ବର୍ଷକୁ ଅତିରିକ୍ତ ୨୦୦କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ହୋଇ ପାରନ୍ତା।


## DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

**ADMISSION ON**
**MPS PLAY HOME**
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

**ADMISSION ON**
**MAHARISHI PUBLIC SCHOOL**
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ରତିକାନ୍ତ ହେଲେ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରର ଯୁବକଂଗ୍ରେସ ସଭାପତି



କେନ୍ଦ୍ରାପଡା (ପିଏନ୍): ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ଼ଃ. ସ୍ମୃତିରଞ୍ଜନ ଲେଙ୍କା କେନ୍ଦ୍ରାପଡାର ଯୁବ ସଂଗଠକ ରତିକାନ୍ତ ସାମଲଙ୍କୁ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ ଯୁବ କଂଗ୍ରେସ ସଭାପତି ଭାବେ ନିଯୁକ୍ତି ପ୍ରଦାନ କରିଛନ୍ତି। ଯୁବନେତା ଶ୍ରୀ ସାମଲଙ୍କ ଉପରେ ଭରସା କରି ତାଙ୍କୁ ଏଭଳି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଥିବାରୁ ସେ ରାଜ୍ୟ ଯୁବ କଂଗ୍ରେସ ସଭାପତି ଶ୍ରୀ ଲେଙ୍କା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ସଭାପତି ଅଂଶୁମାନ ମହାନ୍ତି, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆର ସାଧାରଣ ସମ୍ପାଦକ ସମ୍ବିତ ଶ୍ରୀଚନ୍ଦନଙ୍କୁ କୃତଜ୍ଞତା ଅର୍ପଣ କରିଛନ୍ତି।

## ଜିଲ୍ଲା ପ୍ରତିଭା ପୂଜା ସଂସଦ ଦ୍ୱାରା ମାର୍ଶାଘାଇ ଥାନା ଅଧିକାରୀଙ୍କୁ କୋଭିଡ ଯୋଦ୍ଧା ସମ୍ମାନ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦ ଦ୍ୱାରା ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନିସପେକ୍ଟର କାଳନ୍ଦି ବେହେରାଙ୍କୁ କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଛି। କେନ୍ଦ୍ରାପଡା ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏସଡିପିଓ ରାଜୀବ ଲୋଚନ ପଣ୍ଡା ସଂସଦ ପକ୍ଷରୁ ମାର୍ଶାଘାଇ ଥାନାର ଭାରପ୍ରାପ୍ତ ଇନିସପେକ୍ଟର ଶ୍ରୀ ବେହେରାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି କୋଭିଡ ଯୋଦ୍ଧା ସମ୍ମାନରେ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂସଦର ସଭାପତି ପ୍ରଦୀପ କୁମାର ମହାନ୍ତି, ସଭ୍ୟ ଚିତ୍ତରଞ୍ଜନ ଦାସ ଓ ଗୌରାଙ୍ଗ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ବୈଠକ

ଭୁବନେଶ୍ୱର (ପିଏନ୍)-ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନ ତରଫରୁ ଭୁବନେଶ୍ୱର ଜିଲ୍ଲା, ଜୋନ ଏବଂ ୱାର୍ଡ଼ ସଂଯୋଜକମାନଙ୍କର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ରାଜୀବ ଗାନ୍ଧୀ ପଂଚାୟତିରାଜ ସଂଗଠନର ଅଧ୍ୟକ୍ଷ ଡ. ପ୍ରଦୀପ୍ତ ନନ୍ଦ ସଭାପତିତ୍ୱ କରିଥିଲେ ଏବଂ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ତିନୋଟି ଜୋନର ସଂଯୋଜକ ଯଥା: ଉତ୍ତର ନିର୍ବାଚନ ମଣ୍ଡଳୀ ସଂଯୋଜକ ଶ୍ରୀଯୁକ୍ତ ଲୋକନାଥ ଦାଶ, ଏକ୍ରାମ ନିର୍ବାଚନ ମଣ୍ଡଳୀର ସଂଯୋଜକ ଶ୍ରୀ ମଂଟୁ ମଲ୍ଲିକ, ମଧ୍ୟ ନିର୍ବାଚନ ମଣ୍ଡଳୀର ସଂଯୋଚକ ଶ୍ରୀ ତ୍ରିନାଥ ସାହୁ ଏବଂ ପ୍ରତ୍ୟେକ ୱାର୍ଡର ସଂଯୋଜକମାନେ ସାଂଗଠନିକ ଆଲୋଚନାରେ ଭାଗନେଇଥିଲେ। ଭୁବନେଶ୍ୱର ଜିଲ୍ଲାରେ କିପରି ଭାବରେ କଂଗ୍ରେସ କାର୍ଯ୍ୟକମ୍ରର ମୂଳଧାରା ଲୋକଙ୍କର ସେବା ଓ ଗାନ୍ଧୀଙ୍କ ଚିନ୍ତାଧାରାର ସମାଜ ଗଠନ ଏବଂ ସମାଜରେ ଥିବା ଭୁଲ ଲୋକଙ୍କଠାରୁ ସାଧାରଣ ଜନତାଙ୍କୁ ନ୍ୟାୟ ଦେବା ଏବଂ ସୁସ୍ଥ ସମାଜ ଗଠନରେ କଂଗ୍ରେସ କର୍ମୀ ସହଯୋଗ କରିବା ପାଇଁ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ, ଅଖିଳ ଭାରତୀୟ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ କୁନାଲ ବାର୍ନାଜୀ, ଅଖିଳ ଭାରତୀୟ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଓବିସି ବିଭାଗର ଶ୍ରୀ ରାଜକିଶୋର ବାରିକ, ଓଡ଼ିଶା ଆରଜିପିଏସର ଅଧ୍ୟକ୍ଷ ଶ୍ରୀ ସୁଦର୍ଶନ ଦାସ, ପୂର୍ବତନ ମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ, ବରିଷ୍ଠ କଂଗ୍ରେସ ନେତା ମନୋରଂଜନ ଦାଶ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ଜୟକୃଷ୍ଣ ସୁବୁଦ୍ଧି, ଶତୃଘନ ବେହେରା, ସଂଜୀବ ମହାନ୍ତି, ମନୋରଂଜନ ରାଉତରାୟ, ଉମେଶ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ନିଷ୍ପତି ନିଆଗଲା ଯେ କିପରି ଖୁବଶୀଘ୍ର ପ୍ରତ୍ୟେକ ୱାର୍ଡରୁ ପଂଚାୟତିରାଜ ସଂଗଠନକୁ ସୁଦୃଢ଼ ଏବଂ ସଂଗଠିତ କରାଯିବ ସେଥିନେଇ ଆଲୋଚନା ହୋଇଥିଲା।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



ଯାଜପୁର (ପିଏନ୍): ଯାଜପୁର ବ୍ଲକ ଜାହାନପୁର ଗ୍ରାମପଞ୍ଚାୟତର ବଖାଣପୁର ଗ୍ରାମର ବିଶିଷ୍ଟ ସଂସ୍କୃତି ପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ପଦ୍ମଲୋଚନ ଭଦ୍ରଙ୍କ ଗତ ତା୦୨.୦୨.୨୦୨୧ ରିଖ ଦିବା ୧ ଘଟିକା ସମୟରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ସେ ଏକାଧାରରେ ସଂସ୍କୃତିପ୍ରେମୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ଗ୍ରାମ ବଖାଣପୁରଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବା ଓ ଧର୍ମ ଉପରେ ଆଧାରିତ ବିଭିନ୍ନ କାର୍ଯ୍ୟକ୍ରମ କରି ସେଠାକାର ଅଞ୍ଚଳରେ ନିଜକୁ ଉଚ୍ଚ ସମ୍ମାନରେ ରଖିପାରିଥିଲେ। ସେ ଜୟଦୁର୍ଗା କିର୍ତ୍ତନ ମଣ୍ଡଳୀର ସଭାପତି ଭାବେ ଦୀର୍ଘଦିନ ଦାୟିତ୍ୱରେ ରହି ସୁଚାରୁ ରୂପେ କାର୍ଯ୍ୟ ତୁଲାଇଥିଲେ। ତାଙ୍କର ମୃତ୍ୟୁରେ ସମଗ୍ର ବଖାଣପୁର ଅଞ୍ଚଳ ସମେତ ଆଖପାଖ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ମୃତ୍ୟୁ ଖବର ପାଇ ବହୁ ଲୋକ ତାଙ୍କର ଶେଷ ଦର୍ଶନ କରିବା ପାଇଁ ରୁଣ୍ଡ ହୋଇଥିଲେ। ମୃତ୍ୟୁ ସମୟରେ ତାଙ୍କ ପରିବାରର ପୁଅ, ବୋହୂ,, ନାତି, ନାତୁଣି ଓ ସମସ୍ତ ପରିବାର ଉପସ୍ଥିତ ଥିଲେ। ସେ ମେଳାପି ବ୍ୟକ୍ତି ଥିଲେ, ତାଙ୍କ ମୃତ୍ୟୁରେ ମନୋଜ ରାଉତ, ସନ୍ତୋଷ ନନ୍ଦ, ଗଦାଧର ଦାସ, କାହ୍ନୁ ଚରଣ ସ୍ୱାଇଁ, ମାନସ ରଞ୍ଜନ ପଣ୍ଡା, ଜାହାନପୁର ସରପଞ୍ଚ ସୁଧାଂଶୁ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁରେନ୍ଦ୍ର ପଣ୍ଡା, ଶିବପ୍ରସାଦ ଖିଲାର, ବିଳାସ ରାଉତ, ବିଦ୍ୟାଧର ରାଉତ, ବିରେନ ନାୟକ, ବିରେନ ମହାନ୍ତି, ଚୈତନ୍ୟ ପ୍ରଧାନ ପ୍ରଭୃତି ଶୋକ ବ୍ୟକ୍ତ କରିଛନ୍ତି।

## କପାଳେଶ୍ୱର ଗାଁ କଲ୍ୟାଣ ସମିତିର କରୋନା ସଚେତନତା ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କପାଳେଶ୍ୱର ଗାଁ କଲ୍ୟାଣ ସମିତିର କୋଭିଡ-୧୯ରେ ଗ୍ରାମ୍ୟ ନିରିକ୍ଷଣ ଓ ୱାର୍ଡ ନିରିକ୍ଷଣ କମିଟିର ସଭ୍ୟସଭ୍ୟାମାନଙ୍କୁ ନେଇ ଆଗାମୀ ଦିନରେ କରୋନା ସଚେତନତା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କପାଳେଶ୍ୱର ପଞ୍ଚାୟତର ସରପଞ୍ଚ ଗାୟତ୍ରୀ ମହାନ୍ତି ମୁଖ୍ୟ ଅତିଥି ଓ ବ୍ଲକ ଉପସଭାପତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମର ୱାର୍ଡସଭ୍ୟ ଓ ଭଦ୍ରବ୍ୟକ୍ତି ମଲ୍ଲିକ ଅଲିଜାନ, କେ. ଗୌରୀରାଓ, ସେକ ଅୟୁନୁଲ ଇସଲାମ, ସୟଦ ସମସେର ଅଲ୍ଲୀ, ଏମଡି. ପରୱେଜ ସଜାଦ, ରାମଚନ୍ଦ୍ର ସାହୁ, ମୀର ସଫିକ, ଅବଦୁଲ ସଲିମ, ଅବଦୁଲ କଲାମ, ଦାମୋଦର ସାହୁ, ଅକ୍ଷୟ କୁମାର ଦାସ, ସଂଗ୍ରାମକେଶରୀ ମହାନ୍ତି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡି କର୍ମୀ କୁମୁଦିନି ମହାନ୍ତି, ସମସେରା ବେଗମ, ବାସନ୍ତି ସାହୁ, ଗୀତାଞ୍ଜଳି ମହାନ୍ତି, ଭାରତୀ ମଲ୍ଲିକ, ସହାୟିକା ସାବିତ୍ରୀ ଦାସ, ନଗମା ବିବି, କଇନାରାଣୀ ପାତ୍ର, ଆଶାକର୍ମୀ କଳ୍ପନା ମହାନ୍ତି ଓ ପୁଷ୍ପଲତା ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଓଡିଶା ରାଜ୍ୟ ସ୍କାଉଟସ୍ ଓ ଗାଇଡସ୍‌ର ପ୍ରତିଷ୍ଠାତା ସମ୍ପାଦକଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପ୍ରତିଷ୍ଠାତା ସମ୍ପାଦକ ତଥା ସାହିତ୍ୟ ଭୂଷଣ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପଣ୍ଡିତ ରଘୁନାଥ ମିଶ୍ରଙ୍କର ୨୩ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରାଜ୍ୟ ମୁଖ୍ୟାଳୟ ତରଫରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଜ୍ୟ ମୁଖ୍ୟ କମିଶନର ଡ଼ଃ. କାଳିପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସଭାଟିକୁ କରୋନାର ନିୟମାବଳୀ ଅନୁଯାୟୀ ସମଦୂରତା ରକ୍ଷାକରି, ସାନିଟାଇଜର ବ୍ୟବହାର ଏବଂ ମୁହଁରେ ମାସ୍କ ଲଗାଇ ପାଳନ କରାଯାଇଥିଲା। ରାଜ୍ୟ ମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତା ଏହି ସଭାରେ ସହଯୋଗିତା ରହିଥିଲେ।




# ଗଜପତି ଜିଲ୍ଲାବାସୀଙ୍କ ଠାରେ ସର୍ବାଧିକ ୬୫% ଆଂଟିବଡ଼ି

ଭୁବନେଶ୍ୱର,(ପିଏନ)–ସେରୋ ସର୍ଭେରୁ ମିଳିଥିବାତଥ୍ୟ ଅନୁଯାୟୀ ଗଜପତି ଜିଲ୍ଲାରେ ସର୍ବାଧିକ ୬୫ ପ୍ରତିଶତ ଆଂଟିବଡ଼ି ସୃଷ୍ଟି ହୋଇଛି । ଭୁବନେଶ୍ୱରରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରଏମ୍‌ଆରସି ନିର୍ଦ୍ଦେଶିକା ଡ.ସଂଘମିତ୍ରା ପତି ଏହି ସୂଚନା ଦେଇଛନ୍ତି । ଗଜପତି ଜିଲ୍ଲାରେ ସେରୋ ସର୍ଭେ ସମ୍ପର୍କରେ ସେ କହିଛନ୍ତି ଯେ,୧୫ ସେପ୍ଟେମ୍ବରରୁ ୧୮ ସେପ୍ଟେମ୍ବର ପର୍ଯ୍ୟନ୍ତ ଗଜପତି ଜିଲ୍ଲାରେ ଆରଏମ୍‌ଆରସିର ୫ଟି ଦଳ ପର୍ଯ୍ୟାୟ କ୍ରମେ ସେରୋ ନମୁନା ସଂଗ୍ରହ କରାଯାଇଥିଲା । ଜିଲ୍ଲାର ବିଭିନ୍ନ ଗୋଷ୍ଠୀରୁ ୯୮୪ ଏବଂ ଅତି ସମ୍ବେଦନଶୀଳ ଲୋକଙ୍କ ମଧ୍ୟରୁ ୫୩୧ ଜଣ ଏହିପରି ସମୁଦାୟ ୧୫୧୫ ଜଣଙ୍କ ନମୁନା ସଂଗ୍ରହ କରାଯାଇଥିଲା । ଏହି ନମୁନା ପରୀକ୍ଷଣରୁ ଜଣାପଡ଼ିଛି ଯେ ଗଜପତି ଜିଲ୍ଲାରେ ୬୪.୬୭ ପ୍ରତିଶତ ବା ଦୁଇ-ତୃତୀୟାଂଶ ଲୋକଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହୋଇଛି । କୋଭିଡ୍ ଯୋଦ୍ଧାମାନଙ୍କ ମଧ୍ୟରେ ୫୪ ପ୍ରତିଶତ ଏବଂ ସ୍ୱାସ୍ଥ୍ୟକର୍ମୀମାନଙ୍କ ମଧ୍ୟରେ ୫୦ ପ୍ରତିଶତଙ୍କର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥିବାର ଜଣାପଡ଼ିଛି । ଆଜି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କରାଯାଇଥିବା ସେରୋ ସର୍ଭେ ମଧ୍ୟରେ ଏହି ଫଳାଫଳ ସର୍ବାଧିକ ।୯୫ ପ୍ରତିଶତ ଲୋକଙ୍କ ମଧ୍ୟରେ କୌଣସି ଲକ୍ଷଣ ନଥିଲା । ପ୍ରଥମ ଥର ପାଇଁ ମା' ଓ ଭଉଣୀମାନଙ୍କ ମଧ୍ୟରେ ରୋଗ ପ୍ରତିରୋଧକ ଶକ୍ତି ଆଶାତୀତ ଭାବରେ ବୃଦ୍ଧି ପାଇଥିବାର ଜଣାପଡ଼ିଛି ।ଅନ୍ୟପକ୍ଷରେ ଅକ୍ଟୋବର ୫ ତାରିଖରୁ ମାଲକାନଗିରି ଜିଲ୍ଲାରେ ଏପରି ସେରୋ ସର୍ଭେ କାର୍ଯ୍ୟ ଆରମ୍ଭ ହେବ । ପରେ ଭୁବନେଶ୍ୱରରେ ତୃତୀୟ ପର୍ଯ୍ୟାୟରେ ଏବଂ କଟକରେ ମଧ୍ୟ ଏହି ସେରୋ ସର୍ଭେ କରାଯିବ ବୋଲି ଡା. ପତି ସୂଚନା ଦେଇଛନ୍ତି ।

## ମହିଳାଙ୍କ ଫଟୋ ଭାଇରାଲ କରି ଜେଲ ଗଲେ ଶିକ୍ଷକ

ଖଣ୍ଡପଡା: ଖଣ୍ଡପଡା ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଂଚାୟତ କୁହାରା ଗ୍ରାମସ୍ଥିତ ଲଡୁକେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ନକୁଳ ପ୍ରଧାନ ଜଣେ ମହିଳାଙ୍କ ଅଶ୍ଳୀଳ ଫଟୋ ମୋବାଇଲରେ ଭାଇରାଲ କରି ଜେଲ ଯିବା ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ସଂପୃକ୍ତ ଶିକ୍ଷକ ଜଣଙ୍କ ସପରିବାର ସହ ନୟାଗଡ ଜିଲ୍ଲା ଅଧୀନ ଇଟାମାଟି ଗ୍ରାମରେ ରହୁଥିବା ବେଳେ ଗତ ୨ବର୍ଷ ଧରି ଜଣେ ମହିଳାଙ୍କ ସହ ତାଙ୍କର ସଂପର୍କ ଗଢି ଉଠିଥିଲା । ଏବେ ସେ ମହିଳା ଜଣଙ୍କ ନୟାଗଡ ଜିଲ୍ଲାର ଶରଣକୂଳ ଥାନା ଅଂଚଳରେ ବିବାହ କରିଥିବା ଜଣାପଡିଛି । ଉକ୍ତ ମହିଳାଙ୍କ ସ୍ୱାମୀ ଘଟଣା ସଂପର୍କରେ ଅବଗତ ହେବା ପରେ ସଂପୃକ୍ତ ଶିକ୍ଷକକୁ ତାଗିଦ କରିବା ସହ ଶରଣକୂଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

# ଖରସ୍ରୋତା ନଦୀ ଜଳ ପ୍ରକଳ୍ପକୁ ବିରୋଧ କରି ନଣ୍ଡା ହେଲେ ଶୁଭାଶିଷ

କେନ୍ଦ୍ରାପଡ଼ା : ଖରସ୍ରୋତା ନଦୀ ଜଳ ପ୍ରକଳ୍ପ ପାଇଁ ଆନ୍ଦୋଳନକାରୀଙ୍କ ବିରୋଧରେ ଯାଉଥିବା ସମସ୍ତ ପ୍ରଶାସନିକ ଅଧିକାରୀ ଓ ପୋଲିସ ଅଧିକାରୀଙ୍କୁ ସୁଦ୍ଧି ହୋଇ ମୁଣ୍ଡନ କରିଛନ୍ତି ସାମାଜିକ କର୍ମୀ ଶୁଭାଶିଷ ଷଡଙ୍ଗୀ । ରାଜକନିକା ଭାରିଗଦାସ୍ଥିତ ଖରସ୍ରୋତା ନଦୀ ଜଳ ପ୍ରକଳ୍ପକୁ ବିରୋଧକରି ଗରାପୁର ଡାକବଙ୍ଗଳାଛକରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଶାନ୍ତିପୂର୍ଣ୍ଣ ଭାବେ ଦୀର୍ଘ ୬ଦିନ ଧରି ଅନଶନରେ ବସିଥିବା ସାମାଜିକକର୍ମୀ ଶ୍ରୀକାନ୍ତ ନାୟକଙ୍କ ସହିତ ଶୁଭାଶିଷ ଓ ଅନ୍ୟ ମାନଙ୍କୁ ଯେଉଁଭଳି ଭାବେ ଯୋରଜବରଦସ୍ତି ଭାବରେ ପୋଲିସ ଉଠାଇ ନେଲା ତାହାକୁ ଦୃଢ ଭାବେ ବିରୋଧ କରିଛନ୍ତି ଶୁବାଶିଷ । ସେ କହିଛନ୍ତି ଯେ ଅଗଷ୍ଟପନ୍ଦର ଅର୍ଥାତ ସ୍ୱାଧୀନତା ଦିବସ ଦିନ ଗରାପୁର ଡାକବଙ୍ଗଳା ଛକରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଫୁଲମାଳ ଟିଏ ଦେବାକୁ ଉଚିତ ମନେକରିନଥିଲା ପ୍ରଶାସନ । କିନ୍ତୁ ସେହିଦିନ ସ୍ୱାଧୀନତା ଦିବସରେ ଆମର ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇ ପୋଲିସ ଅଧିକାରୀମାନେ ଜୋତା ପିନ୍ଧି ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟକୁ ଯାଇ ଅନଶନକାରୀଙ୍କୁ ଯୋର ଜବରଦସ୍ତ ଉଠାଇନେବା ଘଟଣାକୁ ଦୃଢ ଭାବେ ନିନ୍ଦା କରିଚନ୍ତି ଶୁଭାଶିଷ । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଅନଶନସ୍ଥଳକୁ ନଆସି ଏଭଳି ଭାବେ ପୋଲିସ ପଠାଇ ଅନଶନକାରୀଙ୍କ ସହଶେଯାରଜବରଦସ୍ତ କରି ଉଠାଇ ନେଇ ସଦର ଥାନାରେ ରଖର ରାତି ୧୦ଟାରେ ଥାନାରୁ ଛାଡିବା ଘଟଣା ଅତ୍ୟନ୍ତ ନିନ୍ଦନୀୟ ବୋଲି ସେ କହିଛନ୍ତି ।

# ୭୫ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସାଇ ଚରିଟି ଫାଉଣ୍ଡେସନ ନାମକ ଏକ ବ୍ଲାଇଣ୍ଡ ଆସୋସିସେନ୍‌ର ଭିନ୍ନକ୍ଷମ ଲୋକମାନଙ୍କୁ ଟାଟା ପ୍ରୋଜେକ୍ଟସ୍ ଲିମିଟେଡ୍ ପକ୍ଷରୁ ଶୁଖିଲା ରାସନ୍ ଖାଦ୍ୟ ସାମଗ୍ରୀ ବଂଟନ






ଭୁବନେଶ୍ୱର: ୭୫ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ତମାଣ୍ଡୋସ୍ଥିତ ସାଇ ଚରିଟି ଫାଉଣ୍ଡେସନ୍ ନାମକ ଏକ ବ୍ଲାଇଣ୍ଡ ଆସୋସିଏସନ୍‌ର ୨୦ଜଣ ଦୃଷ୍ଟିବାଧିତ ଭିନ୍ନକ୍ଷମଙ୍କୁ ଭୁବନେଶ୍ୱରସ୍ଥିତ ଟାଟା ପ୍ରୋଜେକ୍ଟସ୍ ଲିମିଟେଡ୍ ପକ୍ଷରୁ ମାଗଣା ଶୁଖିଲା ରାସନ୍ ଖାଦ୍ୟ ସାମଗ୍ରୀ ଅଟା, ଡାଲି, ତେଲ, ଚୂଡା, ହଳଦୀଗୁଣ୍ଡ, ଚିନି ଏବଂ ଚଉଳ ସହ ଏକ ଗ୍ରାଇଣ୍ଡର ଓ ପନିପରିବା ଆଦି ବଂଟନ କରାଯାଇଛି । ଏଥିସହ ଦୃଷ୍ଟିବାଧିତ ଭିନ୍ନକ୍ଷମଙ୍କ ଗହଣରେ ସି.ଏସ୍.ଆର୍ ଆକ୍ଟିଭିଟିଜ୍ ଶୀର୍ଷକରେ ୭୫ତମ ସ୍ୱାଧୀନତା ଦିବସ ପାଳନ କରିଛି ଟାଟା ପ୍ରୋଜେକ୍ଟସ୍ ଲିମିଟେଡ୍ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଏହି ବ୍ଲାଇଣ୍ଡ ଆସୋସିଏସନ୍‌ର ସଭ୍ୟମାନେ ଟାଟା ପ୍ରୋଜେକ୍ଟସ୍ ଲିମିଟେଡ୍‌ର ସି.ଏସ୍.ଆର୍ ଆକ୍ଟିଭିଟିଜ୍ ଜରିଆରେ ବିଭିନ୍ନ ହାତ ତିଆରି ଜିନିଷ ଯଥା ଫିନାଇଲ୍, କାଗଜ ଥାଳି ଓ ପାଁପୋଛ ଇତ୍ୟାଦି ତିଆରି କରି ନିଜ ଗୁଜୁରାଣ ଆଜି ପର୍ଯ୍ୟନ୍ତ ମେଂଟାଇ ଆସୁଛନ୍ତି । ଏହି କାର୍ଯ୍ୟକ୍ରମରେ ସାଇ ଚରିଟି ଫାଉଣ୍ଡେସନ୍ ନାମକ ବ୍ଲାଇଣ୍ଡ ଆସୋସିଏସନ୍‌ର ସଭାପତି ଓ ସମ୍ପାଦକ ସୁରମା ପ୍ରଧାନ ଓ ଦିବାକର ପଲେଇଙ୍କ ସମେତ ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଟାଟା ପ୍ରୋଜେକ୍ଟସ୍ ଲିମିଟେଡ୍‌ର କର୍ମକର୍ତାମାନେ ଭିନ୍ନକ୍ଷମ ଦୃଷ୍ଟିବାଧିତମାନଙ୍କ ଗହଣରେ ଜାତୀୟ ପତକା ଉତୋଳନ କରିବା ସହ କୋଭିଡ୍ ନିୟମ ଅନୁସାରେ ସେମାନଙ୍କୁ ଉପରୋକ୍ତ ରାସନ୍ ସାମଗ୍ରୀ ବଂଟନ କରିଥିଲେ ଓ ସେମାନଙ୍କର ଭଲମନ୍ଦ ପଚାରି ବୁଝିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୟୂରଭଞ୍ଜରେ ବିକାଶ ପାଗଳ ହୋଇଛି

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ବିକାଶ ପାଗଳ ହୋଇଯାଇଛି । ବିଜେପି ପୂର୍ବ ଭାରତରେ ବିକାଶର ସୂର୍ଯ୍ୟୋଦୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବାର ନାରା ଦେଇଥିବା ବେଳେ ବିଜେଡ଼ି କଥାରେ ନୁହେଁ କାର୍ଯ୍ୟ କରିବାରେ ବିଶ୍ୱାସ ରଖେ ନାରା କେବଳ ସ୍ଲୋଗାନ ମଧ୍ୟରେ ସିମୀତ ରହିଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ମାଳମାଳ ଯୋଜନା ପ୍ରଚଳନ କରି ଚାଲିଥିବା ସମୟରେ ଏହାର ସଠିକ୍ ରୂପାୟନ ସମ୍ଭବ ହୋଇପାରୁ ନାହିଁ । ଫଳରେ ବିକାଶ ନାମରେ ଆସୁଥିବା ଅର୍ଥ ବାଟବଣା ହେବାରେ ଲାଗିଛି । ସ୍ୱାଧୀନତାର ୭୪ ବର୍ଷ ପରେ ମଧ ଜିଲ୍ଲାବାସୀ ମୌଳିକ ସୁବିଧାସୁଯୋଗରୁ ବଂଚିତ ହୋଇ ଆସୁଛନ୍ତି । କେଉଁଠି ପିଇବା ପାଣି ସମସ୍ୟାରେ ଜନସାଧାରଣ ଡ଼ହଳବିକଳ ହେଉଛନ୍ତି ପୁଣି କେଉଁଠି ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ସେହିପରି ଗମନାଗମନ, ଜଳସେଚନ ଆଦି ବିଭିନ୍ନ ସମସ୍ୟା ମଧ ଦେଇ କେଉଁଠି ନା କେଉଁଠି ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ସମ୍ମୁଖୀନ ହେଉଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ସମ୍ଭବ ହୋଇପାରି ନାହିଁ । ଯଦିଓ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରୁ ୯ ବିଧାନସଭା ମଧ୍ୟରୁ ୬ଟିରୁ ଅନୁସୂଚିତ ଜନଜାତି, ଗୋଟାଏ ଅନୁସୂଚିତ ଜାତି ଏବଂ ଅନ୍ୟଟି ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ସମୟରେ ଲୋକସଭା ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ତଥାପି ନିର୍ବାଚିତ ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ବୃହତ ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କୌଣସି କାରଣରୁ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ବେଳେ ବିରୋଧୀ ସ୍ଥଳ ବିଶେଷରେ ସମସ୍ୟାକୁ କେବଳ ନିଜର ରାଜନୈତିକ ଫାଇଦାରେ ବ୍ୟବହାର କରିଆସୁଛି । ଏହାର ନଗ୍ନ ଉଦାହରଣ ପାଲଟିଛି ମୁଖ୍ୟମନ୍ତ୍ରୀ ନବୀନଙ୍କ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁଦାମ ମାର୍ଣ୍ଡିଙ୍କ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ତଥା ବାଙ୍ଗିରିପୋଷି ବ୍ଲକ ଅଧୀନ ବ୍ରାହ୍ମଣ ଗାଁ ପଞ୍ଚାୟତ ସୋରିଷପାଳ ଗ୍ରାମ ନିକଟ ବୃଢ଼ାବଳଙ୍ଗ ନଦୀର ରେସୁଣ ଘାଟ । ଏଠାରେ ନଦୀ ପାର ହେବା ନିମନ୍ତେ ସେତୁ ଟିଏ ନିର୍ମାଣ ଦୂରର କଥା ନାହିଁ ଡଙ୍ଗାର ବ୍ୟବସ୍ଥା । ବର୍ଷ ବର୍ଷ ଧରି ନଦୀ ପାର ହେବା ନିମନ୍ତେ ଜନସାଧାରଣଙ୍କର ଏକ ମାତ୍ର ଭରସା ବାଉଁଶ ନିର୍ମିତ ଭେଳା । ଉକ୍ତ ଘାଟରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ନିଜ ଜୀବନକୁ ବାଜିରେ ଲଗାଇ ବିପଦ ଶଙ୍କୁଳ ଅବସ୍ଥାରେ ନଦୀ ପାର ହେଉଥିବାର ଦେଖିବାକୁ ମିଳିଥାଏ । ଟ୍ରକ, ବସ ଆଦି ଚାରି ଚକିଆ ଯାନର ଟାୟାରରେ ବ୍ୟବହାର ହେଉଥିବା ୬ଟି ଟିଉବ୍ ଉପରେ ବାଉଁଶ ବିଛାଯାଇ ଭେଳା ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏକ ଦଉଡ଼ିକୁ ନଦୀର ଦୁଇ ପାର୍ଶ୍ୱରେ ଖୁଂଟ ପୋତା ଯାଇ ସେଥିରେ ଦଉଡ଼ିର ଦୁଇ ମୁଣ୍ଡକୁ ବନ୍ଧା ଯାଇଛି । ଦଉଡ଼ିକୁ ଧରି ଭେଳାରେ ନଦୀର ଗୋଟାଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ପାରି ହୋଇଥାନ୍ତି । ସେହିପରି ଭେଳାରେ ଏକା ଥରକେ ୫ରୁ ୬ ବାଇକ ଧରି ଏ କୂଳରୁ ସେ କୂଳକୁ ଲୋକମାନେ ପାରି ହେଉଥିବାର ଦେଖିବାକୁ ମିଳିଛି । ନଦୀ ପାରି ହେବା ନିମନ୍ତେ ଆଖ ପାଖରେ କୌଣସି ପୋଲର ବ୍ୟବସ୍ଥା ନ ଥିବା କାରଣରୁ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ବୃଦ୍ଧା, ଯୁବକ, ଯୁବତୀଙ୍କ ସହ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟରେ ପହଁଞ୍ଚାଇବା ନିମନ୍ତେ ଏହି ଭେଳା ଏକ ମାତ୍ର ବିକଳ୍ପ ପାଲଟିଯାଇଛି ବୋଲି ନଦୀ ପାରି ହେଉଥିବା ସ୍ୱାସ୍ଥ୍ୟକର୍ମୀ ସୀତା ମାର୍ଣ୍ଡି, ସୁଶୀଲ ପୃଷ୍ଟି ଓ ସ୍ଥାନୀୟ ବାସିନ୍ଦା ଭୁଜୁ ମାର୍ଣ୍ଡି ପ୍ରମୁଖଙ୍କ ସହ ଭେଳା ଚାଳକ ବେଣୁଧର ମହାକୁଡ଼ କହିଛନ୍ତି । ସେହିପରି ବିଧାୟକ ଓ ଜିଲ୍ଲା ପ୍ରଶାସନ ଚାହିଁଥିଲେ ସରକାରଙ୍କ ବିଜୁ ସେତୁ ଯୋଜନା ଉକ ପୋଲ ନିର୍ମାଣ ନିମନ୍ତେ ପ୍ରପୋଜାଲ ଦେଇ ପାରିଥାନ୍ତେ । କିନ୍ତୁ ଏଥି ନିମନ୍ତେ କାହାରି ନିକଟରେ ଆନ୍ତରିକତା ନାହିଁ । ସେହିପରି ଉକ୍ତ ରେସୁଣ ନଦୀଘାଟଠାରୁ ଅଳ୍ପ କିଛି ଦୂରରେ ଥିବା ଦୋମୁହାଁଣିଠାରେ ୨୦୧୫ ମସିହାରେ ବାରିପଦା ପିଏ ଆଇଟିଡ଼ିଏ ପକ୍ଷରୁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଝୁଲା ପୋଲ ନିର୍ମାଣ ନିମନ୍ତେ ବର୍ତମାନର ବାଙ୍ଗିରିପୋଷି ବିଧାୟକ ତଥା ଶ୍ରୀମାର୍ଣ୍ଡି ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ଦିନର ଗମନାଗମନ ସମସ୍ୟାକୁ ଝୁଲା ପୋଲ ସମାଧାନର ରାସ୍ତା ଫିଟାଇ ଦେବାକୁ ନେଇ ଜନସାଧାରଣ ଅଧିକ ଉତ୍ସାହିତ ହୋଇପଡ଼ିଥିବା ସମୟରେ ଝୁଲା ପୋଲଟି କୂଳ ଛୁଇଁ ନ ପାରି ସବୁ ଦିନ ନିମନ୍ତେ ନଦୀ ମଝିରେ ସେମିତି ଝୁଲି ରହିଗଲା । ଯଦି ଜନତାଙ୍କ ସ୍ୱାର୍ଥରେ ଆସି ପାରିଲା ନାହିଁ, ତେବେ ଏହି ଝୁଲା ପୋଲ ପ୍ରକଳ୍ପ ନିର୍ମାଣ କାହା ସ୍ୱାର୍ଥ ସାଧନ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନତା । ଏଥି ସହିତ ମନ୍ତ୍ରୀ ଶ୍ରୀମାର୍ଣ୍ଡି ୨୦୧୪ରେ ବିଜେଡ଼ିରେ ମିଶିବା ପୂର୍ବରୁ ବିଭିନ୍ନ କଥାରେ ସରକାରଙ୍କୁ ଘେରିବା ସହ ସମାଲୋଚନା କରିଆସୁଥିଲେ । ମାତ୍ର ଶାସକ ଦଳରେ ମିଶିବା ପରେ ମୟୂରଭଞ୍ଜ ଜିଲ୍ଲା ସହ ତାଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ବାଙ୍ଗିରିପଷିର ସାମୂହିକ ବିକାଶ ତଥା ଉନ୍ନତି ସାଧିତ ହେବ ବୋଲି ଆଶା କରିଥିଲେ ଜନତା । ଝାମୁମୋରୁ ଦଳରୁ ଥରେ ଓ ଶାସକ ବିଜେଡ଼ି ଦଳରୁ ଦୁଇ ଦୁଇ ଥର ବିଧାୟକ ହେବା ସହ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ମାତ୍ର ତାଙ୍କ ନିଜ ବାସସ୍ଥାନ ରହିଥିବା ଏହି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ନିମନ୍ତେ ମନ୍ତ୍ରୀ ଶ୍ରୀମାର୍ଣ୍ଡି କେତେ ଯତ୍ନବାନ ତାହା ନିଜେ ଶିଳାନ୍ୟାଶ କରିଥିବା ଦୋମୁହାଁଣି ଝୁଲା ପୋଲରୁ ବେଶ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ହାଁସଦାଃ, ପ୍ରଦୀପ ମହାକୁଡ଼ ପ୍ରମୁଖ ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ମନ୍ତ୍ରୀ ଶ୍ରୀମାର୍ଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ସେଲ ନମ୍ବର ୯୪୩୯୨୯୭୯୦୦ରେ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା । ସେହିପରି ବାରିପଦା ପିଏ ଆଇଟିଡ଼ି ବସନ୍ତ କୁମାର ସେଠୀଙ୍କ ସହ ମଧ୍ୟ ଯୋଗାଯୋଗ ହୋଇ ପାରି ନ ଥିଲା ।

# ଜିଲ୍ଲା ଖଣିଜ ପାଣ୍ଠିର ଦୁରୁପୋଯୋଗ ଓ ସ୍ୱଳ୍ପ ବ୍ୟବହାର ଗାଁ ତଥା ପଂଚାୟତ ବିକାଶରେ ପ୍ରଥମ ବାଧକ

ଭୁବନେଶ୍ୱର : ଓଡ଼ିଶାରେ ଜିଲ୍ଲା ଖଣିଜ ପାଣ୍ଠିର ବ୍ୟାପକ ମାତ୍ରାରେ ଦୁରୁପୋଯୋଗ ଓ ଜିଲ୍ଲା ଖଣିଜ ପାଣ୍ଠି ଆଇନ ୨୦୧୫ ର ଖୋଲାଖୋଲି ଉଲଙ୍ଘନ ହେତୁ, ଖଣି ଖାଦାନ ସମୃଦ୍ଧ ଜିଲ୍ଲା ଗୁଡ଼ିକରେ ଥିବା ପଂଚାୟତ ଏବଂ ରାଜସ୍ୱଗ୍ରାମ ଗୁଡ଼ିକର ବିକାଶ ପୂର୍ଣ୍ଣମାତ୍ରାରେ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ କରିଛି କଂଗ୍ରେସ । ଆଜି ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ପ୍ରଶାନ୍ତ ଶତପଥି ଏ ନେଇ ରାଜ୍ୟ ବିଜେଡ଼ି ସରକାରଙ୍କର ମନମୁଖି କାର୍ଯ୍ୟକୁ ତୀବ୍ର ସମାଲୋଚନା କରି କହିଛନ୍ତି ଯେ ଯେଉଁ ମହତ ଉଦେଶ୍ୟ ନେଇ ଜିଲ୍ଲା ଖଣିଜ ପାଣ୍ଠି ଆଇନ ଆସିଥିଲା ତାହାର ଖୋଲାଖୋଲି ଉଲଙ୍ଘନ ଯୋଗୁଁ ଖଣିଜ କାର୍ଯ୍ୟ ଦ୍ୱାରା ପ୍ରଭାବିତ ଗ୍ରାମ ପଂଚାୟତ ଓ ରାଜସ୍ୱ ଗ୍ରାମ ଗୁଡ଼ିକର ବିକାଶର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁ ନାହିଁ । ଜିଲ୍ଲା ଖଣିଜ ପାଣ୍ଠି ଆଇନ ୨୦୧୫ ମୁତାବକ ପ୍ରଭାବିତ ଗ୍ରାମପଂଚାୟତର ଅଧିବାସୀଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ ଯୋଗାଣ, ପିଇବାପାଣିର ବ୍ୟବସ୍ଥା, ରାସ୍ତା ନିର୍ମାଣ, ଜଳସେଚନ ଆଦି ବିକାଶ ମୂଳକ କାର୍ଯ୍ୟ ଅଗ୍ରାଧିକାର ଭିତିରେ ଖଣିଜ ପାଣ୍ଠିରେ ମହଜୁଦ ଥିବା ଅର୍ଥକୁ ବିନିଯୋଗ କରି କରାଯିବା ଉଚିତ୍ । କିନ୍ତୁ ରାଜ୍ୟ ସରକାର ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାକୁ ରୁଲ-୧୦ / ୧୧ /୧୨ / ୧୬ ର ଖୋଲାଖୋଲି ଉଲ୍ଲଙ୍ଘନ କରି ଅନ୍ୟବାଦରେ ଖର୍ଚ୍ଚ କରୁଛନ୍ତି ଯାହା ସଂପୂର୍ଣ୍ଣ ରୂପେ ବେଆଇନ । ଉଦାହରଣସ୍ୱରୂପ ରାଜ୍ୟ ସରକାରଙ୍କ ବାର୍ଷିକ କ୍ରୀଡ଼ା ବଜେଟରେ ଅର୍ଥର ବ୍ୟବସ୍ଥା ଥିବା ସ୍ୱତେ ରାଉରକେଲା ଠାରେ ଆର୍ନ୍ତଜାତୀୟ ହକି ଷ୍ଟାଡିୟମ ନିର୍ମାଣ ପାଇଁ ସୁନ୍ଦରଗଡ଼ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାକୁ ଖର୍ଚ୍ଚ କରିବା କେତେଦୂର ସମୀଚିନ । ସେହିଭଳି ସୁନ୍ଦରଗଡ଼ ଜିଲ୍ଲାରେ ପୋଲିସ ବିଭାଗ ପାଇଁ ୨୫ଟି ଗାଡ଼ି କିଣାଯିବା ତଥା ସର୍କିଟ ହାଉସର ପାଚେରୀ ନିର୍ମାଣ ଆଦି କାର୍ଯ୍ୟ ପାଇଁ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାର ବିନିଯୋଗ ସଂପୂର୍ଣ୍ଣ ରୂପେ ବେଆଇନ ଅଟେ । ୨୦୧୭ ମସିହାରେ ଝାରସୁଗୁଡ଼ା ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାରେ ଝାରସୁଗୁଡ଼ା ବିମାନବନ୍ଦରକୁ ପାୱାର ସପ୍ଲାଏ ପାଇଁ ଖର୍ଚ୍ଚ କରିବା ଉକ୍ତ ଅର୍ଥର ଦୁରୁପୋଯୋଗର ଆଉ ଏକ ଉଦାହରଣ । ସ୍ମାର୍ଟ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା ପାଇଁ ମଧ ଜିଲ୍ଲା ଖଣିଜ ପାଣ୍ଠି ଟଙ୍କାର ଦୁରୁପୋଯୋଗ ହେଉଛି । ଯେତେବେଳେ କି ଆଇନରେ ନିର୍ଦ୍ଦିଷ୍ଟ ଭାବରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କା କେବଳ ଖଣି କାର୍ଯ୍ୟରେ ସିଧାସଳଖ ପ୍ରଭାବିତ ଗ୍ରାମପଂଚାୟତ ଓ ତା ଭିତରେ ଥିବା ରାଜସ୍ୱ ଗ୍ରାମଗୁଡ଼ିକର ଗ୍ରାମବାସୀଙ୍କ ଉନ୍ନତି ମୂଳକ କାର୍ଯ୍ୟରେ ହିଁ ବିନିଯୋଗ କରାଯିବ । ଏତଦ୍‌ବ୍ୟତୀତ ସାମାଜିକ ଓ ଅର୍ଥନୈତିକ ବିକାଶମୂଳକ କାର୍ଯ୍ୟ କରିବା ପୂର୍ବରୁ ଉକ୍ତ ଅଂଚଳର ଗ୍ରାମ ସଭାର ଅନୁମୋଦନ ଏକାନ୍ତ ଆବଶ୍ୟକ । କିନ୍ତୁ ଯେଉଁ ହାତଗଣତି ଅଳ୍ପ କିଛି ବିକାଶ ହେଉଛି ସେ ସବୁ ପାଇଁ ଶାସକ ଦଳର ନେତା ଓ ତାଙ୍କ ନିର୍ଦ୍ଦେଶରେ ପରିଚାଳିତ ଅଫିସର ମାନଙ୍କ ଇଚ୍ଛା ଅନୁସାରେ କରାଯାଉଛି ଏବଂ କାର୍ଯ୍ୟ କରାଯାଉଥିବା ଅଂଚଳର ଗ୍ରାମସଭା ଓ ନାଗରୀକ ସମାଜର ଅନୁମୋଦନ ନିଆଯାଉ ନାହିଁ । କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ବକ୍ତବ୍ୟ ଅନୁସାରେ ଓଡ଼ିଶା ୨୦୧୫ ଠାରୁ ଅଦ୍ୟାବଧି ୧୧୯୮୪ କୋଟି ଟଙ୍କା ଜିଲ୍ଲା ଖଣିଜ ପାଣ୍ଠି ବାବଦରେ ପାଇଛି । ଜିଲ୍ଲା ଖଣିଜ ପାଣ୍ଠିରେ ଥିବା ଅର୍ଥ ରାଜ୍ୟ ବଜେଟର ବ୍ୟୟବରାଦ ଭିତରେ ଆସେନାହିଁ । ତେଣୁ ଏ ଅର୍ଥକୁ ଅନ୍ୟବିଭାଗ ପାଇଁ ଖର୍ଚ୍ଚ କରିବା ସଂପୂର୍ଣ୍ଣ ଭାବରେ ଆଇନର ବିରୁଧାଚରଣ କରୁଛି । ରାଜ୍ୟ ସରକାର ପ୍ରତ୍ୟେକ ବିଭାଗ ପାଇଁ ବର୍ଷ ଆରମ୍ଭରୁ ବଜେଟରେ ଅର୍ଥର ବ୍ୟବସ୍ଥା କରିଥାନ୍ତି ଏବଂ ଅର୍ଥ ସଚିବଙ୍କ ଚିଠିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବଜେଟରେ ଥିବା ଅର୍ଥକୁ ସରକାରୀ ବିଭାଗ ଗୁଡ଼ିକ ସଂପୂର୍ଣ୍ଣରୂପେ ଖର୍ଚ୍ଚ କରିବାରେ ସମର୍ଥ ହୁଅନ୍ତି ନାହିଁ । ତେଣୁ ସରକାର ବିଭାଗୀୟ ଅର୍ଥରେ ବିଭିନ୍ନ ଯୋଜନା ଗୁଡ଼ିକର କାର୍ଯ୍ୟ ସଂପାଦନ କରନ୍ତୁ ଏବଂ ଜିଲ୍ଲା ଖଣିଜ ପାଣ୍ଠିର ଟଙ୍କାକୁ ଅପବ୍ୟୟ ନକରି ନିର୍ଦ୍ଦିଷ୍ଟ ଭାବରେ ଖଣି କାର୍ଯ୍ୟଦ୍ୱାରା ପ୍ରଭାବିତ ଗ୍ରାମ ପଂଚାୟତ ଓ ରାଜସ୍ୱ ଗ୍ରାମଗୁଡ଼ିକର ଉନ୍ନତି ମୂଳକ କାର୍ଯ୍ୟ ପାଇଁ ଶ୍ରୀ ଶତପଥି ଆହ୍ୱାନ ଦେଇଛନ୍ତି । ଖଣି କାର୍ଯ୍ୟଦ୍ୱାରା ପ୍ରଭାବିତ ଗ୍ରାମ ପଂଚାୟତ ଓ ରାଜସ୍ୱ ଗ୍ରାମଗୁଡ଼ିକର ଅଧିବାସୀ ମାନେ ବାୟୁପ୍ରଦୁଷଣ ଓ ଜଳପ୍ରଦୁଷଣ ହେତୁ ବିଭିନ୍ନ କ୍ୟାନସର, ଯକ୍ଷ୍ମା, ଫୁସ୍‌ଫୁସ ସଂକ୍ରମଣ ଆଦି ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହେଉଛନ୍ତି ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ସଂପର୍କରେ ରାଜ୍ୟ ସରକାର ଖଣିଜ ପାଣ୍ଠିର ଟଙ୍କାକୁ ଖର୍ଚ୍ଚ ନକରିବା ଅତ୍ୟନ୍ତ ପରିତାପର ବିଷୟ ।

## ବଡ ଧରଣର ଡକାୟତ ଉଦ୍ୟମକୁ ପଣ୍ଡ କଲା ଧର୍ମଶାଳା ପୋଲିସ

# ୪ ଅଭିଯୁକ୍ତ ଗିରଫ,୬ ଫେରାର, ୨ବାଇକ୍ ସହ ବହୁ ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)- ଯାଜପୁର ଜିଲା ଧର୍ମଶାଳା ପୋଲିସକୁ ବଡ ଧରଣର ସଫଳତା । ଗତ କାଲି ବିଳମ୍ବିତ ରାତିରେ ଏକ ବଡ ଧରଣର ଡକାୟତି ଉଦ୍ୟମ ଯୋଜନା କରୁଥିବା ବେଳେ ନାଇଟ ପାଟ୍ରୋଲିଂ କରୁଥିବା ପୋଲିସ ଏହାକୁ ପଣ୍ଡ କରିଛି । ଯାହାକୁ ନେଇ ଆଜି ଧର୍ମଶାଳାରେ ଚର୍ଚ୍ଚାର ବିଷୟ ହୋଇଛି । ଏହି ଘଟଣାରେ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବାଇକ,ମାରଣାସ୍ତ୍ର ସହ ନଗଦ ଟଙ୍କା ଜବତ କରିଥିବ ନେଇ ଆଜି ଅପରାହ୍ନରେ ଧର୍ମଶାଳା ଥାନା ପରିସରରେ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସୂଚନା ମୁତାବକ ଗତ କାଲି ରାତିରେ ଧର୍ମଶାଳା ଥାନା ଅନ୍ତର୍ଗତ ଦେଉଳି ପାହାଡ ପାଦ ଦେଶରେ କିଛି ଯୁବକ ଚଲାବୁଲା କରୁଥିଲେ । ତେବେ ସେହି ସମୟରେ ଧର୍ମଶାଳା ପୋଲିସ ନାଇଟ ପାଟ୍ରୋଲିଂ କରୁଥିବା ସମୟରେ ସେମାନଙ୍କ ଉପରେ ନଜର ପଡିଥିଲା । ତେବେ ସେମାନେ ପୋଲିସକୁ ଦେଖି ଫେରାର ହୋଇ ଯାଉଥିବା ଦେଖି ପୋଲିସ ସେମାନଙ୍କୁ ପିଛା କରି ୪ ଜଣଙ୍କୁ ଧରିବାରେ ସଫଳତା ପାଇଥିଲା ବେଳେ ଅନ୍ୟ ୬ ଜଣ ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହି ୪ ଯୁବକଙ୍କୁ ଧରି ଥାନାରେ ଅଟକ ରଖି ପଚରାଉଚୁରା ପରେ ଏକ ଡକାୟତି ଯୋଜନା କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ଏବଂ ସେମାନଙ୍କଠାରୁ ବହୁ କଥା ଜାଣିବାକୁ ପାଇଥିଲା । ଏବଂ ସେମାନଙ୍କ ନାମରେ ପୂର୍ବରୁ ଜିଲାର ବିଭିନ୍ନ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପୋକଲ ପଲ୍ଲୀ ଗ୍ରାମର କାର୍ତିକ ଦାସଙ୍କ ପୁଅ ଶିବାଜୀ(୨୩) ଏହି ଗ୍ରାମର ଦାସ ଲାମ୍ବାଙ୍କ ପୁଅ ଦାସ ବେଓ୍ୱା(୧୯),ଆସ୍କା ଥାନା ଅନ୍ତର୍ଗତ କରଟେଲି ଗ୍ରାମର ଆହୁଲା ସୁରେଶଙ୍କ ପୁଅ ଆହୁଲା ବଳରାମ(୨୧) ଓ ଆସ୍କା ଥାନା ଅନ୍ତର୍ଗତ ରେଞ୍ଜାର ବଙ୍ଗଳା ଗ୍ରାମର ଏମ୍ ବାବୁଲାଙ୍କ ପୁଅ ଏମ୍ ସୁନିଲ(୨୫) ବୋଲି ଜଣାପଡିଛି । ଏବଂ ସେମାନେ ବ୍ୟବହୃତ କରୁଥିବା ୨ଟି ହୋଣ୍ଡା ବାଇକ୍ ଓଡି୦୨ଏଏସ୬୯୨୧ ଓ ଓଡି୩୨ଇ୨୬୧୧,ଗୋଟିଏ ଦେଶୀ ବନ୍ଧୁକ,ଗୋଟେ ଭୁଜାଲି,ଗୋଟେ ଛୁରୀ,୨ଟି ରେଂଚୁ,ଗୋଟେ ପ୍ୟାକେଟ ଲଙ୍କା ଗୁଣ୍ଡ,୮ ଗୋଟି ମୋବାଇଲ, ନଗଦ ୮୧୯୦ଟଙ୍କା,୬ଟି ଏଟିଏମ୍ କାର୍ଡ,୧୩ ଗୋଟି ସିଲଭର ପାଉଁଜି,୨୪ଟି ସିଲଭର ମୁଦିକୁ ପୋଲିସ ଜବତ କରିଛି । ଏବଂ ଅଭିଯୁକ୍ତମାନଙ୍କୁ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ନେଇ ଏସଡିପିଓ ଶ୍ରୀ ନାୟକ ସୂଚନା ଦେଇଛନ୍ତି । ଏବଂ ଏହି ଘଟଣାରେ ଏହି ସବୁ ଅଂଚଳର ବିଜୟଙ୍କ ପି ରାଜା(୨୧),କୃଷ୍ଣ ଦାସଙ୍କ ପୁଅ ମହେଶ୍ୱର(୨୧),ପି ରାମୁଙ୍କ ପୁଅ ରହୁଲ ଦାସ(୨୧), ମିଲନ ଦାସ(୨୧), ଜୟା ଗୋପିଙ୍କ ପୁଅ ଜୟା ଚାନ୍ଦୁ(୧୯) ଓ ଅଭୟ ଦାସ(୨୫) ଫେରାର ହୋଇଯାଇଥିବା ବେଳେ ସେମାନଙ୍କୁ ଖୁବ ଶିଘ୍ର ଧରାଯିବ ବୋଲି ପୋଲିସ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

# ଜିଲ୍ଲା ଆଇନ ସେବା ପ୍ରାଧିକରଣ ମାଲକାନଗିରି ପ୍ରଚେଷ୍ଟା ଅସହାୟ ବୃଦ୍ଧା ଥଇଥାନ ହୋଇ ଚିକିତ୍ସା ସୁବିଧା ପାଇଲେ

ମାଲକାନଗିରି, (ପିଏନ)- ଆଜି ଆନ୍ତର୍ଜାତୀୟ ବୃଦ୍ଧ ଦିବସ ଅବସରରେ ମାଲକାନଗିରିସ୍ଥିତ ୧୧୯ କଲୋନୀ ନିବାସୀ ରଜନୀ ପଣ୍ଡା ନାମ୍ନୀ ବୃଦ୍ଧା ତାଙ୍କ ଘରେ ପରିବାର ଠାରୁ ନାନା କଷ୍ଟ ପାଇ ଘରୁ ବିତାଡ଼ିତ ହୋଇ ମାଲକାନଗିରି ସହରରେ ଅଖିଆ ଅପିଆ ହୋଇ ବୁଲୁଥିଲେ । ବୃଦ୍ଧା ଅବସ୍ଥା ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବା ବେଳେ ତାଙ୍କ ବାମ ହାତ ମଧ୍ୟ ଭାଙ୍ଗି ଯାଇଥିଲା । ଏହିପରି ଅବସ୍ଥାରେ ମାଲକାନଗିରି ସମାଜ ସେବୀ ଗୀତାଞ୍ଜଳି ମହାପାତ୍ର ତାଙ୍କୁ ଦେଖବ ସଂଗେ ସଂଗେ ମାଲକାନଗିରି ପୋଲିସ ଷ୍ଟେସନରେ କାର୍ଯ୍ୟରତ ଏସ.ଆଇ ଶୁଭଶ୍ରୀ ନାୟକଙ୍କୁ ଜଣାଇଥିଲେ । ଶ୍ରୀମତୀ ନାୟକ ବିଳମ୍ବ ନ କରି ରଜନୀ ପଣ୍ଡାଙ୍କୁ ମାଲକାନଗିରି ଟାଉନ ଆଶ୍ରୟ ଗୃହରେ ରଖି ତତ୍‌କ୍ଷଣାତ୍ ଏହି ବିଷୟ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ବିଚାରପତି ଅମରେଶ ନାୟକଙ୍କୁ ଜଣାଇଥିଲେ । ସଚିବ ଶ୍ରୀ ନାୟକ ସଂଗେ ସଂଗେ ଯାଇ ଲିଗାଲ ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶଙ୍କୁ ବୃଦ୍ଧାଙ୍କୁ ଉଦ୍ଧାର କରିବା ପାଇଁ କହିଥିଲେ । ଏହା ପରେ ଗୀତାଞ୍ଜଳି ମହାପାତ୍ର, ଏସ.ଆଇ ଶୁଭଶ୍ରୀ ନାୟକ, ସ୍ୱେଚ୍ଛାସେବୀ ଡ. ରଂଜନ କୁମାର ସ୍ୱାଇଁ ଓ ସଂଗୀତା ଦାଶ ପ୍ରମୁଖ ବୃଦ୍ଧାଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହରୁ ଉଦ୍ଧାର କରି ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବଙ୍କ ପାଖରେ ହାଜର କରାଇଥିଲେ । ସଚିବ ଶ୍ରୀ ନାୟକ ସମସ୍ତ ବିଷୟ ବୁଝି ବୃଦ୍ଧାଙ୍କୁ ଉଦ୍ଧାରକର୍ତା ଟିମ୍‌ଙ୍କ ଜରିଆରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ପ୍ରେରଣ କରି ଯଥାଶୀଘ୍ର ବୃଦ୍ଧା ମହିଳାଙ୍କ ଥଇଥାନ କରି ତାଙ୍କ ଆଶୁ ଚିକିତ୍ସା ସକାଶେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଚିଠି ମାଧ୍ୟମରେ ଆଦେଶ ଦେଇଛନ୍ତି । ଏହା ସହିତ ବୃଦ୍ଧାର ବିଷୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ମଧ କହିଛନ୍ତି । ଥଇଥାନ ହୋଇ ଚିକିତ୍ସା ପାଇଲା ପରେ ବୃଦ୍ଧୀ ରଜନୀ ପଣ୍ଡା ଆଇନ ସେବା ପ୍ରାଧିକରଣ ମାଧ୍ୟମରେ ତାଙ୍କ ଭରଣ ପୋଷଣ ଓ ଅନ୍ୟାନ୍ୟ ଭତା ପାଇବାର ବ୍ୟବସ୍ଥା ମଧ କରାଯିବ ବୋଲି ଆଇନ ସେବା ପ୍ରାଧିକରଣ ତରଫରୁ ଜଣାଯାଇଛି । ପ୍ରକାଶ ଥାଉ କି ଜିଲ୍ଲା ଆଇନ ସେବା ପ୍ରାଧିକରକଣ ଦ୍ୱାରା ପୂର୍ବରୁ ମଧ୍ୟ ବହୁ ଅସହାୟ ବରିଷ୍ଠ ନାଗରିକ, ଶିଶୁ ଓ ଅନ୍ୟମାନେ ଉଦ୍ଧାର ହୋଇ ଥଇଥାନ ହୋଇପାରିଛନ୍ତି ।

# ଅବହେଳିତ ଆନନ୍ଦପୁର ଡାକ୍ତରଖାନା

କେନ୍ଦୁଝର:(ପି.ଏନ୍.): ପ୍ରଶାସନିକ ଅଣଦେଖା ଓ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ବିଭିନ୍ନ କ୍ଷେତ୍ରରେ ଅବେହଳିତ ହୋଇ ପଡିଛି । ଆନନ୍ଦପୁର ଅଂଚଳରେ ଜନସଂଖ୍ୟା ଓ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ବୃଦ୍ଧି ହେଉନାହିଁ । ଅନେକ ବିଭାଗରେ ଡାକ୍ତର ଓ କର୍ମଚାରୀଙ୍କ ପଦବୀ ଦୀର୍ଘଦିନ ହେବ ପୂରଣ ହୋଇପାରୁନି । ୯ ପଦବୀରେ ଡାକ୍ତର ନଥିବା ଜଣାପଡିଛି । ଏହି ଚିକିତ୍ସାଳୟକୁ ଭଗବାନ ଭରସା ବୋଲି ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି । କେନ୍ଦୁଝର ଜିଲ୍ଲାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ୪ଟି ଜିଲ୍ଲାର ସୀମାନ୍ତବର୍ତ୍ତି ଅଧିବାସୀ ନିର୍ଭର କରୁଥିବା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ସ୍କାନିଂ ମେସିନ୍ ନଥିବାରୁ ପ୍ରତିଦିନ ରୋଗୀମାନେ କଟକ, ଭଦ୍ରକ, ଯାଜପୁର ଅଂଚଳକୁ ଯାଇ ଦୁର୍ଦ୍ଦଶା ଭୋଗ କରୁଥଇବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଏହି ରୋଗୀମାନେ ବିଶେଷ ଅସୁବିଧା ଭୋଗ କରୁଛନ୍ତି । କେନ୍ଦୁଝର, ମୟୁରଭ, ଯାଜପୁର ଓ ଭଦ୍ରକ ଜିଲ୍ଲାର କେନ୍ଦ୍ରସ୍ଥଳୀରେ ଥିବା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ପ୍ରତ୍ୟେହ ୪୫୦ରୁ ଉର୍ଦ୍ଧ୍ୱ ରୋଗୀ ଆସୁଥିବା ବେଳେ ପ୍ରାୟ ୨ଶହରୁ ଉର୍ଦ୍ଧ୍ୱ ରୋଗୀ ଏଠାରେ ବିଭିନ୍ନ ୱାର୍ଡରେ ରହୁଥିବା ଏକ ବେସରକାରୀ ସୂତ୍ରରୁ ଜଣାପଡିଛି । ପ୍ରାୟ ୩୫ ବର୍ଷ ପୂର୍ବେ ଅର୍ଥାତ୍ ୧୯୮୫ ମସିହା ସରକାରୀ ବ୍ୟବସ୍ଥାରେ ରହି ଆସୁଥିବା ଏହି ଡାକ୍ତରଖାନାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭଳି ବ୍ୟବସ୍ଥା ରହିବାର ଆବଶ୍ୟକତା ଥିଲେ ମଧ୍ୟ ସରକାରୀ ଅବହେଳାର ଶିକାର ହୋଇଛି । ସ୍ୱାସ୍ଥ୍ୟ ସେବା ରାଜ୍ୟ ସରକାରଙ୍କ କ୍ଷେତ୍ରରେ ବିବିଧା ଯୋଜନା ଘୋଷଣା କରାଯାଇଥିଲେ ମଧ୍ୟ ଆନୁଷଙ୍ଗିକ ମେସିନ୍ ଓ ଅପରେଟରର ବ୍ୟବସ୍ଥା ହୋଇ ନଥିବାରୁ ରୋଗୀ ମାନଙ୍କୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଥିବା ଅଭିଯୋଗ ହୋଇଛି । ବିଭିନ୍ନ କ୍ଷେତ୍ରରେ ରହିଥିବା ଅଭାବ ଓ ଆବଶ୍ୟକତାକୁ ପୂରଣ କରିବା ପାଇଁ ଜିଲ୍ଲା ଖଣିଜ ପାଣ୍ଠି ଗଠନ କରାଯାଇଛି । ଯେଉଁଥିରେ କୋଟି କୋଟି ଟଙ୍କାର ରାଜସ୍ୱ ଗଚ୍ଛିତ ରହିଛି । ହେଲେ ସାଧାରଣ ଲୋକଙ୍କ ଜୀବନ ରକ୍ଷା ପାଇଁ ଆବଶ୍ୟକତା ପୂରଣ ହୋଇପାରୁ ନଥିବା ଅତ୍ୟନ୍ତ ପରିତାପର ବିଷୟ ।

## ଉତରପ୍ରଦେଶ ହାତରସ ଘଟଣା ପାଇଁ ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

କନ୍ଧମାଳ,(ପିଏନ)- ପ୍ରଦେଶ ଯୁବ କଂଗ୍ରେସ କନ୍ଧମାଳ ଜିଲ୍ଲା ଶାଖା ପକ୍ଷରୁ ଆଜି ଫୁଲବାଣୀରେ ଉତରପ୍ରଦେଶ ହାତରସରେ ହୋଇଥିବା ଜଣେ ଯୁବତୀଙ୍କୁ ନିର୍ମମ ଭାବରେ ବଳାତ୍କାର ପରେ ତାଙ୍କୁ ହତ୍ୟା କରାଯାଇଛି । ମଧ୍ୟରାତ୍ରରେ ତାଙ୍କୁ ମୃତ ଘୋଷଣା କରିବାପରେ ତାଙ୍କ ଶବକୁ ଉତରପ୍ରଦେଶ ପୁଲିସ ତାଙ୍କ ପରିବାରକୁ ହସ୍ତାନ୍ତର ନ କରି ପ୍ରଶାସନ ଶବକୁ ପୋଡିଦେଇଥିବା ଘଟଣାକୁ ବିରୋଧ କରାଯାଇଛି । ସେଥିପାଇଁ ଆଜି ସଂନ୍ଧ୍ୟାରେ ଜିଲ୍ଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାତ୍ରୀଙ୍କ ନେତୃତ୍ୱରେ ସ୍ଥାନୀୟ ମାଦିକୁନ୍ଦା ଛକଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ବିଜୁପଟ୍ଟନାୟକ ଛକଠାରେ ପହଂଚିଥିଲା । ଏଥିରେ ପୁର୍ବତନ ସାଂସଦ ରାଧାକାନ୍ତ ଦିଗାଲ,ପୁର୍ବତନ ବିଧାୟକ ଅଭିମନ୍ୟୁ ବେହେରାଙ୍କ ସମେତ ଜିଲ୍ଲା କଂଗ୍ରେସର ଘନକୁମାର ଶବର,ହେମନ୍ତ କର,ସଂସାର ଭୋଇ,ଦୁର୍ଯ୍ୟଧନ ପଟ୍ଟନାୟକ,ସଞ୍ଜୟ ଭଞ୍ଜ,ବଳଦେବ ବେହେରା,ଅଶୋକ ସାସିନି,ନନ୍ଦକିଶୋର ଦାସ,ଶିବଶଙ୍କର ବେହେରା, ମନିଶ ବେହେରାଙ୍କ ସମେତ ଅନ୍ୟମାନେ ଯୋଗ ଦେଇ ପୀଡିତାଙ୍କ ତୈଳଚିତ୍ର ଆଗରେ କ୍ୟାଣ୍ଡେଲ ଜାଳି ତାଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ସରକାରଙ୍କର ଦ୍ୱାରା କରାଯାଇଥିବା ଏହି କାର୍ଯ୍ୟ ହିନ୍ଦୁ ଧର୍ମର ବିରୋଧ ଓ ଅସମ୍ମାନ ବୋଲି ଦଳର ପୁରୁଣା ନେତା ମାନେ କହିଛନ୍ତି । ଉତରପ୍ରଦେଶ ସରକାରଙ୍କ ଏହି କାର୍ଯ୍ୟକୁ ବିରୋଧ କରାଯିବା ସହିତ ସେଠାରେ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଆଦିତ୍ୟ ଯୋଗୀଙ୍କ କୁଶପୁତଳିକା ଦାହ କରାଯାଇଥିଲା ।

# ନୂଆ କୋଭିଡ଼ ଆକ୍ରାନ୍ତ ୬୧, ମୃତ୍ୟୁ ସଂଖ୍ୟାରେ ଆଉ ୧ ବୃଦ୍ଧି

ଭଦ୍ରକ,(ପିଏନ)- ଜିଲ୍ଲାରୁ ନୂଆ କରୋନା ଆକ୍ରାନ୍ତ ୬୧ଜଣ ଚିହ୍ନଟ ହୋଇଥିବା ବେଳେ ଆଉ ଜଣେ ଆକ୍ରାନ୍ତଙ୍କର ମୃତ୍ୟୁ ହୋଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟାରେ ଆଉ ୧୧୪ ବୃଦ୍ଧି ପାଇଛି । ଜିଲ୍ଲାର ମୋଟ ୮୬ ହଜାର ୪୭୦ ନମୁନା ପରୀକ୍ଷା ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ହୋଇଛି ୫୩୧୭ । ମୋଟ ସୁସ୍ଥ ହୋଇଛନ୍ତି ୪୪୮୨ । ସେହିଭଳି ମୃତ୍ୟୁ ସଂଖ୍ୟା ଗତକାଲି ୧୩ ଥିବା ବେଳେ ଏଥିରେ ଆଉ ୧ ବୃଦ୍ଧି ହୋଇ ମୋଟ ମୃତ୍ୟୁ ସଂଖ୍ୟା ହୋଇଛି ୧୪ । ସେହିଭଳି ମୋଟ ଆକ୍ଟିଭ ଆକ୍ରାନ୍ତ ଅଛନ୍ତି ୮୨୧ଜଣ । ଚିହ୍ନଟ ୬୧ ଆକ୍ରାନ୍ତଙ୍କ ମଧ୍ୟରୁ ଭଦ୍ରକ ବ୍ଲକରୁ ୧୩ଜଣ, ଭଦ୍ରକ ପୌରପାଳିକାରୁ ୯, ବାସୁଦେବପୁରରୁ ୧୨, ଚାନ୍ଦବାଲିରୁ ୬, ଧାମନଗରରୁ ୯, ଭଣ୍ଡାରିପୋଖରୀରୁ ୫, ବନ୍ତ ବ୍ଲକରୁ ୩, ତିହିଡି ବ୍ଲକରୁ ୨ ଏବଂ ଅନ୍ୟ ଜିଲ୍ଲାରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଖଣ୍ଡପଡା ତହସିଲଦାରଙ୍କ ବଦଳି ଓ ବ୍ଲକରେ ଚାଲିଥିବା ଦୁର୍ନୀତିର ତଦନ୍ତ ଦାବିରେ କଂଗ୍ରେସ ପକ୍ଷରୁ ଧାରଣା

ଖଣ୍ଡପଡା: ଖଣ୍ଡପଡା ବ୍ଲକ ଦୁର୍ନୀତିର ଗନ୍ତାଘର ପାଲଟିଛି । ଦିର୍ଘ ବର୍ଷ ଧରି ବ୍ଲକରେ କାର୍ଯ୍ୟରତ କର୍ମଚାରୀମାନେ ବିଭିନ୍ନ ଅସଦ ଉପାୟରେ ଜନସାଧାରଣଙ୍କୁ ଶୋଷଣ କରୁଛନ୍ତି । ମନରେଗା ଯୋଜନା ଠାରୁ ଆରମ୍ଭ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଆଖିବୁଜା ଦୁର୍ନୀତି ହେଉଛି ବୋଲି କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ ଉଠାଇ ଯୁବ ସଂଗଠକ ଦେବବ୍ରତ ବେହେରାଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ ଦଳୀୟ କର୍ମୀ, କର୍ମକର୍ତାମାନେ ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକରେ ବୁଧବାର ଧାରଣା ଦେବା ସହ ହରତାଳ କରିଥିଲେ । ବ୍ଲକରେ ଚାଲିଥିବା ଦୁର୍ନୀତିର ତଦନ୍ତ ନିମନ୍ତେ କଂଗ୍ରେସ କର୍ମୀମାନେ ବିଡିଓ ଅରୁଣୀମା ସାହୁଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ଖଣ୍ଡପଡା ତହସିଲଦାର ମାଫିଆ ମାନଙ୍କ ସହ ହାତ ମିଳାଇ ଦୁର୍ନୀତିକୁ ପ୍ରଶୟ ଦେଉଥିବାରୁ ମୂଲ୍ୟବାନ ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି ବୋଲି ଦଳୀୟ କର୍ମୀମାନେ ଅଭିଯୋଗ ଉଠାଇ ତୁରନ୍ତ ତହସିଲଦାରଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ଦାବି କରିଥିଲେ । କଂଗ୍ରେସ କର୍ମୀମାନେ ହାତରେ ପ୍ଲାକାର୍ଡ ଧରି ବ୍ଲକ କାର୍ଯ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଁଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଥିଲେ । ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାର୍ଥ ବିରୋଧୀ ବୋଲି ଅଭିଯୋଗ ଉଠାଇ କଂଗ୍ରେସର ଛାମୁଆ ସଂଗଠକ ମାନେ ନାରାବାଜି କରିବା ସହ ଖଣ୍ଡପଡା ବିଧାୟକଙ୍କ ବିରୋଧରେ ମଧ ବିଶୋଦଗାର କରିଥିଲେ ।

## ଘରୋଇ ଆମ୍ବୁଲାନ୍ସ ସଂଘ ପକ୍ଷରୁ ରୋଗୀଙ୍କୁ ଫଳ ବଂଟନ

ଖୋର୍ଦ୍ଧା : ସ୍ୱାଧୀନତା ଦିବସ ଅବସରରେ ମେଡିକାଲ ପରିସରରେ ରହୁଥିବା ଘରୋଇ ଆମ୍ବୁଲାନ୍ସ ସଂଘ ପକ୍ଷରୁ ରୋଗୀଙ୍କୁ ଫଳ ଓ ଦୁଗ୍ଧ ବଂଟନ କରାଯାଇଛି । ଏଥିରେ ଡିଏମଓ ଡ଼ଶ. ବିଶ୍ୱରଞ୍ଜନ ମିଶ୍ର ଯୋଗଦେଇ ରୋଗୀମାନଙ୍କୁ ଫଳ ଓ ଦୁଗ୍ଧ ବଂଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ଏମଡି ମାଗୁ, ଏମଡି କାଲୁ, ଏମଡି ବବୁଲ, ଏମଡି ନସିମ, ଏମଡି ପୁପୁ, ଏମଡି ସିରାଜ, ପବନା ଓ ଟୁଲୁ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜେନ୍ଦ୍ର ପଣ୍ଡା ବିଜେପିର ନୂତନ ରାଜ୍ୟ ମୁଖପାତ୍ର



ଭୁବନେଶ୍ୱର : ବିଜେପିର ନୂତନ ରାଜ୍ୟ ମୁଖପାତ୍ର ଭାବେ ଲୁଲୁ ସେନାର ଅଧ୍ୟକ୍ଷ ଯୁବ ନେତା ରାଜେନ୍ଦ୍ର ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଦିର୍ଘ ଦିନ ହେଲା ସମାଜସେବା ଓ ଦଳୀୟ ସଂଘଠନ ପାଇଁ କାର୍ଯ୍ୟକରୁଥିବାରୁ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଅନୁମୋଦନକ୍ରମେ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି । ଏଥିପାଇଁ ଶ୍ରୀଯୁକ୍ତ ପଣ୍ଡା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ସମୀର ମହାନ୍ତି ଓ ଦଳୀୟ ସମସ୍ତ ପଦାଧିକାରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି ରମା ରଂଜନ ବଳିଆରସିଂ ଓ ଉର୍ଭିଳା ମହାପାତ୍ରଙ୍କୁ ମଧ ମୁଖପାତ୍ର ଦାୟିତ୍ୱ ପ୍ରଦାନ କରାଯାଇଛି ।

## ବରିଷ୍ଠ ଶିଳ୍ପ ଉନ୍ନୟନ ଅଧିକାରୀଙ୍କ ବାସଗୃହରେ ଭିଜିଲାନ୍ସ ଟିମର ଚଢାଉ

ଖଣ୍ଡପଡା : ଆୟ ବହିର୍ଭୁତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ ଖଣ୍ଡପଡା ବ୍ଲକ ଅଧିନ କଂଟିଲୋ ପାଣୁସାହୁପାଟଣା ଗ୍ରାମର ବରିଷ୍ଠ ଶିଳ୍ପ ଉନ୍ନୟନ ଅଧିକାରୀ ସୀତାରାମ ସାହୁଙ୍କ ପୈତୃକ ବାସଗୃହରେ ବୁଧବାର ପୂର୍ବାହ୍ନରେ ଚଢାଉ କରିଥିଲା । ଚଢାଉ ସମୟରେ ଭିଜିଲାନ୍ସ ଟିମ ଶିଳ୍ପ ଉନ୍ନୟନ ଅଧିକାରୀ ଶ୍ରୀ ସାହୁଙ୍କ ସାନ ଭାଇ ଦିଲ୍ଲୀପ କୁମାର ସାହୁଙ୍କୁ ଦୀର୍ଘ ୨ ଘଂଟା ଧରି ବିଭିନ୍ନ ପ୍ରସଙ୍ଗ ଉପରେ ଜେରା କରି କାଗଜପତ୍ର ଯାଂଚ କରିବା ସହ ବାସଗୃହ ଖାନତଲାସ କରିଥିଲେ । ଭିଜିଲାନ୍ସ ଟିମ କଂଟିଲୋ, ନୟାଗଡ ସମେତ ବିଭିନ୍ନ ସ୍ଥାନରେ ଅବସ୍ଥିତ ସଂପୃକ୍ତ ଅଧିକାରୀଙ୍କ ସ୍ଥାବର, ଅସ୍ଥାବର ସମ୍ପତି ସଂପର୍କରେ ଖୋଳତାଡ କରିଥିବା ବିଭାଗୀୟ କାର୍ଯ୍ୟାଳୟ ସୁତ୍ରରୁ ଜଣାପଡିଛି । ସୁଚନାଯୋଗ୍ୟ ଶ୍ରୀ ସାହୁ ଖଣ୍ଡପଡା ଓ ନୟାଗଡ ବ୍ଲକରେ ଦିର୍ଘ ବର୍ଷ ଧରି ଶିଳ୍ପ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ସଂପୃକ୍ତ ଅଧିକାରୀଙ୍କ ଘରେ ଭିଜିଲାନ୍ସ ଟିମର ଚଡାଉକୁ ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚା ଜୋର ଧରିଛି ।

# ସାନି ଇଣ୍ଡିଆ ପକ୍ଷରୁ ପୁଣେର ଚକାନରେ ନୂତନ ପେଂଟ୍ ଶପ୍ ଉଦ୍‌ଘାଟିତ




ଭୁବନେଶ୍ୱର : ନିର୍ମାଣ ଉପକରଣ ଶିଳ୍ପରେ ବିଶ୍ୱସ୍ତରୀୟ ଅଗ୍ରଣୀ କମ୍ପାନୀ ସାନି ଇଣ୍ଡିଆ ପକ୍ଷରୁ ପୁଣେର ଚକାନଠାରେ ଥିବା ଅତ୍ୟାଧୁନିକ ଉତ୍ପାଦନ କାରଖାନାରେ ଏକ ନୂତନ ଅଲଟ୍ରା-ମଡର୍ଣ୍ଣ 'ପେଂଟ୍ ଶପ୍' ଉଦଘାଟନ କରାଯାଇଛି । ନୂତନ 'ପେଂଟ୍ ଶପ୍' ବିଲଡିଂ ସମୁଦାୟ ୪୫୦୪.୯୬ ବର୍ଗ ମିଟର ପରିମିତ ଅଂଚଳରେ ନିର୍ମିତ ହୋଇଛି ଏବଂ ଏଥିରେ ସମ୍ପୂର୍ଣ୍ଣ ସ୍ୱୟଂଶାସିତ ବ୍ୟବସ୍ଥା ରହିଛି । ଏଠାରେ ୯ ଘଂଟାର ଗୋଟିଏ ସିଫ୍ଟରେ ୧୧ଟି ଏକ୍ସକାଭେଟର ଏବଂ ୧ ଟ୍ରକ କ୍ରେନ ସହଜରେ ରଙ୍ଗ କରାଯାଇପାରିବ । ସାନି ଇଣ୍ଡିଆ ଏବଂ ଦକ୍ଷିଣ ଏସିଆର ପରିଚାଳନା ନିର୍ଦ୍ଦେଶକ ଦୀପକ ଗର୍ଗଙ୍କ ଦ୍ୱାରା ଏହା ଉଦଘାଟିତ ହୋଇଛି । ଏହି ଅବସରରେ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ସାନି ହେଭି ଇଣ୍ଡଷ୍ଟ୍ରି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ବିକ୍ରୟ, ମାର୍କେଟିଂ ଏବଂ ଗ୍ରାହକ ସହାୟତା ନିର୍ଦ୍ଦେଶକ ଧୀରଜ ପଣ୍ଡା କହିଲେ, ଗୁଣବତ୍ତାଯୁକ୍ତ ଉତ୍ପାଦ ଆମର ଗ୍ରାହକଙ୍କୁ ଉପଲବ୍ଧ କରାଇବା ଲାଗି ସାନି ଇଣ୍ଡିଆ ପକ୍ଷରୁ ଚକାନରେ ନୂତନ ପେଂଟ୍ ଶପ୍ ଉଦ୍‌ଘାଟିତ ହୋଇଛି । ନିଶ୍ଚିତ ଭାବରେ ଏହା ଆମ ଉତ୍ପାଦର ପେଂଟ ଗୁଣବତାକୁ ଅଧିକ ଉନ୍ନତ ଏବଂ ଶ୍ରେଷ୍ଠ କରି ଗଢ଼ି ତୋଳିବ । ଆମେ ଜ୍ଞାନକୌଶଳର ବିକାଶ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ ଜାରି ରଖିଛୁ । ନୂତନ ପେଂଟ୍ ଶପ୍ ହେଉଛି ଆମର ଅଭିବୃଦ୍ଧିର ଏକ ପ୍ରମୁଖ ଉପାଦାନ, ଯାହା ଆମକୁ ଆମର ଉତ୍ପାଦନ ବୃଦ୍ଧି କରିବାକୁ ଏବଂ ଗ୍ରାହକଙ୍କ ଚାହିଦାକୁ ଅଧିକ ଦକ୍ଷତାର ସହିତ ପୂରଣ କରିବାକୁ ପ୍ରୋତ୍ସାହନ ଯୋଗାଇ ଦେବ । ଏହା ସହିତ ପୁଣେରେ ସାନିର ଉତ୍ପାଦନ କାରଖାନାରେ ସ୍ଥାନୀୟ ଲୋକଙ୍କ ପାଇଁ ଅଧିକ ନିଯୁକ୍ତି ସୁଯୋଗ ମଧ ସୃଷ୍ଟି ହୋଇପାରିବ ବୋଲି ସେ କହିଛନ୍ତି । ୭,୦୦୦ ମେସିନ ଉତ୍ପାଦନ କ୍ଷମତା ସହିତ ୮୪ ଏକର ପରିମିତ ଜମିରେ ସ୍ଥାପିତ ହୋଇଥିବା ଏହି ଅତ୍ୟାଧୁନିକ ୟୁନିଟରେ ଆଧୁନିକ ଉତ୍ପାଦନ ଉପକରଣ, ପରୀକ୍ଷଣ ସୁବିଧା, ଆର୍ ଆଣ୍ଡ୍ ଡି କେନ୍ଦ୍ର ଏବଂ ତାଲିମ କେନ୍ଦ୍ର ସହିତ ଗୋଟିଏ ଛାତ ତଳେ ରହିଛି । ସାନି ଇଣ୍ଡିଆ ଚକାନରେ ନୂତନ ପେଂଟ୍ ଶପ୍ ଖୋଲିବା ଦ୍ୱାରା ଭାରତୀୟ (ସିଇ) ବଜାରରେ କମ୍ପାନୀ ନିଜର ମାନଦଣ୍ଡକୁ ବିକଶିତ କରିବାକୁ ସକ୍ଷମ ହୋଇପାରିବ ।

# ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ୍ ତାହାର ନୂଆ ଫଣ୍ଡ୍ ଅଫର ନିପ୍ପନ ଇଣ୍ଡିଆ ଫ୍ଲେକ୍ସିକ୍ୟାପ ଫଣ୍ଡ୍ ଜରିଆରେ ୨୮୬୦ କୋଟି ଟଙ୍କା ସଂଗ୍ରହ କଲା

ଭୁବନେଶ୍ୱର : ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ୍ (ଏନଆଇଏମଏଫ)ର ଆସେଟ ପରିଚାଳନାକାରୀ ନିପ୍ପନ ଲାଇଫ ଇଣ୍ଡିଆ ଆସେଟ ମ୍ୟାନେଜମେଣ୍ଟ ଲିମିଟେଡ (ଏନଏଏମ ଇଣ୍ଡିଆ), ସଫଳତାର ସହିତ ନିପ୍ପନ ଇଣ୍ଡିଆ ଫ୍ଲେକ୍ସିକ୍ୟାପ ଫଣ୍ଡର ଏନଏଫଓ ଶେଷ କରିଛି । ଏହି ଫଣ୍ଡ୍ ୨୮୬୦ କୋଟି ଟଙ୍କା ଆବଣ୍ଟନ କରିଛି, ଯାହା ଏହାକୁ ଚଳିତ ସମୟରେ ଅନ୍ୟତମ ସର୍ବବୃହତ ଏନଏଫଓରେ ପରିଣତ କରିଛି । ଏକ ଏନଏଫଓ ସମୟରେ ସମଗ୍ର ଭାରତରେ ମୋଟ ସହରଗୁଡିକ ମଧ୍ୟରୁ ୬୦% ସହରର ନିବେଶକଙ୍କ ନିକଟରେ ପହଞ୍ଚିବାରେ ଏହା ଅନ୍ୟତମ ସର୍ବାଧିକ ସଫଳତା ହାସଲ କରିଛି ଏବଂ ତଦ୍ୱାରା ଦେଶର ପ୍ରତିଟି କୋଣ ଅନୁକୋଣରେ ପହଞ୍ଚିବା ସୁନିଶ୍ଚିତ କରାଯାଇଛି । ଦେଶର ୨୩୯୮ ସହର ଏବଂ ୧୨,୬୨୫ ପିନ୍‌କୋଡରେ ପରିବ୍ୟାପ୍ତ ହୋଇଥିବା ୨,୫୦,୦୦୦ରୁ ଅଧିକ ନିବେଶକ ଉଭୟ ଡିଜିଟାଲ ଏବଂ ଅଫ୍‌ଲାଇନ ପଦ୍ଧତିରେ ଏହି ଏନଏଫଓରେ ନିବେଶ କରିଛନ୍ତି । ୫୩,୦୦୦ରୁ ଅଧିକ ଏସଆଇପି ଆବେଦନପତ୍ର ହସ୍ତଗତ ହୋଇଛି ଏବଂ ଏହା ଏହି ଉତ୍ପାଦ ଉପରେ ଅନେକ ନିବେଶକ ଏବଂ ବିତରକଙ୍କର ଦୀର୍ଘ ଅବଧି ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ନିପ୍ପନ ଇଣ୍ଡିଆ ଫ୍ଲେକ୍ସିକ୍ୟାପ ଫଣ୍ଡ୍ ହେଉଛି ଏକ ମୁକ୍ତ ଭାବରେ ପରିସମାପ୍ତ ହେଉଥିବା ପ୍ରଗତିଶୀଳ ଇକ୍ୱିଟି ଯୋଜନା



ଯାହା ଲାର୍ଜ କ୍ୟାପ, ମିଡ କ୍ୟାପ, ସ୍ମଲ କ୍ୟାପ ଷ୍ଟକଗୁଡିକରେ ନିବେଶ କରିବା ସହିତ ନିବେଶକଙ୍କୁ ବହୁବିଧ ମାର୍କେଟ କ୍ୟାପ୍‌ରେ ଅଂଶଗ୍ରହଣ କରିବାର ସୁଯୋଗ ପ୍ରଦାନ କରୁଛି । ଅନିଶ୍ଚିତ ସମୟରେ ଲାର୍ଜ କ୍ୟାପଗୁଡିକରେ ପ୍ରି ନିବେଶ ପରିମାଣ ବୃଦ୍ଧି କରିବାକୁ ଏହି ଫଣ୍ଡ୍ ଉତ୍ତମ ସ୍ଥିତିରେ ରହିଛି ଏବଂ ସେହି ସମୟରେ ଏହା ବଜାରର ଉର୍ଦ୍ଧ୍ୱମୁଖୀ ଧାରା କାଳରେ ମିଡ କ୍ୟାପ ଏବଂ ସ୍ମଲ କ୍ୟାପ ଫଣ୍ଡଗୁଡିର ଅଭିବୃଦ୍ଧି ସାମର୍ଥ୍ୟରୁ ଫାଇଦା ଉଠାଇବ । ଏହି ଅବସରରେ ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡ୍‌ର ଇଡି ଓ ସିଇଓ ସନ୍ଦୀପ ସିକ୍କା କହିଛନ୍ତି, '୨.୫୨ ଲକ୍ଷରୁ ଅଧିକ ନିବେଶକ ପ୍ରଦର୍ଶନ କରିଥିବା ବିଶ୍ୱାସକୁ ଆମେ ବାସ୍ତବିକ ଅତ୍ୟନ୍ତ ବିନମ୍ରତାର ସହିତ ଗ୍ରହଣ କରୁଛୁ, ଯେଉଁମାନେ ନିକଟରେ ଶେଷ ହୋଇଥବା ନିପ୍ପନ ଇଣ୍ଡିଆ ଫ୍ଲେକ୍ସିକ୍ୟାପ ଫଣ୍ଡ୍‌ର ଏନଏଫଓରେ ୨୮୬୦ କୋଟି ଟଙ୍କା ନିବେଶ କରିଛନ୍ତି । ଏହା ପୂର୍ବରୁ ଗତ ୧୫ ମାସ ମଧ୍ୟରେ ୧୫ ଲକ୍ଷ ନୂଆ ନିବେଶକ ନିବେଶକ ନିପ୍ପନ ଇଣ୍ଡିଆ ମ୍ୟୁଚୁଆଲ ଫଣ୍ଡରେ ଯୋଗଦେଇଛନ୍ତି । ଏହାସହିତ ଏହାର ଅନନ୍ୟ ନିବେଶକଙ୍କ ସଂଖ୍ୟା ୭୫ ଲକ୍ଷରେ ପହଞ୍ଚିଛି । ସମଗ୍ର ଦେଶରେ ୧୨୬୨୫ ପିନ୍‌କୋଡରେ ନିବେଶକଙ୍କୁ ନିବେଶ କରିବାରେ ସହାୟତା କରିଥିବା ସର୍ବଭାରତୀୟ ସ୍ତରରେ ବିତରକଙ୍କୁ ଆମେ ଧନ୍ୟବାଦ ଜଣାଉଛୁ । ଏହି ଏନଏଫଓ ଆମର ଦୃଢ ବିତରଣ କ୍ଷମତା, ମଜଭୁତ ଡିଜିଟାଲ ଭିତ୍ତିଭୂମି ଏବଂ ଆମ ବ୍ରାଣ୍ଡ୍ ଉପରେ ବିଶ୍ୱାସଭାବକୁ ପ୍ରତିଫଳିତ କରୁଛି ।' ସେ ପୁନଶ୍ଚ କହିଥିଲେ, 'ଆମର ନିବେଶକ ପ୍ରଥମ ନୀତି ଅଧିନରେ ଆମେ ଆମର ଡିଜିଟାଲ ସମ୍ପତ୍ତିଗୁଡିକର ସମ୍ମିଶ୍ରଣ ଜାରି ରଖିଛୁ ଏବଂ ଆମର ମୋଟ ବ୍ୟବସାୟ ମଧ୍ୟରୁ ୫୦%ରୁ ଅଧିକ ଏହା ଜରିଆରେ ଆସୁଛି । ଆମେ ପଦ୍ଧତିଗୁଡିକରେ ଉନ୍ନତି ସାଧନ, ଦମ୍‌ଦାର ଆପଦ ପରିଚାଳନା ଏବଂ ଦାୟିତ୍ୱସଂପନ୍ନ ନିବେଶକ ଦାୟିତ୍ୱ ନିର୍ବାହନ କ୍ଷେତ୍ରରେ ଆମମାନଙ୍କୁ ପୁନଃ ଉତ୍ସର୍ଗୀକୃତ କରୁଛୁ । ଏକ ସଚେତନ କର୍ପୋରେଟ ସଂସ୍ଥା ଭାବରେ ଆମେ 'ଦାୟିତ୍ୱ ସଂପନ୍ନ ନିବେଶ' ଭାବଧାରାକୁ ଆପଣେଇବାକୁ ଆନ୍ତରିକତାର ସହିତ ଯାତ୍ରା ଆରମ୍ଭ କରିଛୁ । ବ୍ୟବସାର ସମସ୍ତ କ୍ଷେତ୍ରରେ ଇଏସଜି ନୀତିଗୁଡିକୁ ଅନ୍ତର୍ନିହିତ କରି ଆମେ ଏକ ସ୍ଥାୟୀ, ଦୀର୍ଘାବଧି ମୂଲ୍ୟ ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ ।'

# ଖଣ୍ଡପଡାରେ ଇନଡୋର ଷ୍ଟାଡିୟମ ନିର୍ମାଣକୁ ସ୍ୱାଗତ କରି ଶୋଭାଯାତ୍ରା

ଖଣ୍ଡପଡା: ଗଡଜାତ ଖଣ୍ଡପଡା ସହରରେ କ୍ରୀଡା ଭିତିଭୂମିର ବିକାଶ ନିମନ୍ତେ ନିର୍ମାଣ ହେବ ଇନଡୋର ଷ୍ଟାଡିୟମ । ରାଜ୍ୟ ସରକାର ଏ ନେଇ ଖୁବ ଶିଘ୍ର ଆବଶ୍ୟକୀୟ ଅନୁଦାନ ଅର୍ଥ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏ ପରିପ୍ରେକ୍ଷୀରେ ଖଣ୍ଡପଡା ସହରର କ୍ରୀଡାପ୍ରେମୀ ଓ ଶୁଭେଚ୍ଛୁମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ବୁଧବାର ଏକ ଶୋଭାଯାତ୍ରାରେ ଖଣ୍ଡପଡା ସହର ପରିକ୍ରମା କରିଥିଲେ । ଖଣ୍ଡପଡା କ୍ରିକେଟ ଏକାଡେମୀ, ଆଥଲେଟିକ ଆସୋସିଏସନ, ଫୁଟବଲ ଆସୋସିଏସନର ସଦସ୍ୟ ଓ ବରିଷ୍ଠ



କ୍ରୀଡାବିତ୍‌ମାନେ ଶୋଭାଯାତ୍ରାରେ ଖଣ୍ଡପଡା ସହରର ମୁଖ୍ୟ ବଜାରରୁ ବାହାରି ମଧୁବନ ମିନିଷ୍ଟାଡିୟମ ପରିସରରେ ପହଁଚିଥିଲେ । ତେବେ ଖୁବଶିଘ୍ର ଇନଡୋର ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ କ୍ରୀଡାପ୍ରେମୀ ଓ ଅଂଚଳବାସୀ ଦାବି କରିଛନ୍ତି ।

# ସ୍ୱେଚ୍ଛାକୃତ ରକ୍ତଦାନ ଉପଲକ୍ଷେ ସୁଙ୍ଗୁଡା ଗ୍ରାମ ପଂଚାୟତ ବିଜେଡି ପକ୍ଷରୁ ପ୍ରସ୍ତୁତି ବୈଠକ

ନେଉଳପୁର:ବଡଚଣା ବିଜେଡି ପକ୍ଷରୁ ଆସନ୍ତା ୨୧ ତାରିଖରେ ଚଣ୍ଡିଖୋଲ ଛକସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ରକ୍ତଦାନ ଶିବିର ଉପଲକ୍ଷେ ଆଜି ସୁଙ୍ଗୁଡାମ ପଂଚାୟତ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଜୋନ ସଭାପତି ସଞ୍ଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତୁତି ବୈଠକରେ ସୁଙ୍ଗୁଡା ପଂଚାୟତର ନାଏବ ସରପଂଚ ତଥା ପଂଚାୟତ ବିଜେଡି ସଭାପତି ମସୀର ଆଲାମ, ଯୁବନେତା ପ୍ରିୟବ୍ରତ ଖିଲାର, ପ୍ରଶାନ୍ତ କୁମାର ଜେନା, ମୋହନ ଖିଲାର, ବିଜୟ ବିଶ୍ୱାଳ, ଜିତେନ୍ଦ୍ର ସ୍ୱାଇଁ, ବୈକୁଣ୍ଠ ସାହୁ, ଦିଲିପ ଜେନା, ଜିତେନ୍ଦ୍ର ନାୟକ, ପପ୍ରକାଶ ରାଉତ, ସଂଗ୍ରାମ ଜେନା, ପ୍ରଫୁଲ ଜେନା, ଅଶୋକ ରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ




କରିଥିଲେ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନହିତକର ।କାର୍ଯ୍ୟକୁ ଅଗ୍ରାଧିକାର ଭିତିରେ ଆଗେଇ ନେବାକୁ ଓ ପ୍ରିୟ ବିଧାୟକ ଅମରପ୍ରସାସ ଶତପଥିଙ୍କ ନିର୍ଦ୍ଦେଶରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ କିପରି ଅଧିକ ରକ୍ତାଦାନ କରି ସଫଳ କରିପାରିବା ସେ ସଂପର୍କରେ ଆଲୋଚନା କରାଯାଇଥିଲା । ଆଜି ଯେଉଁଭଳି ଭାବେ ବିଭିନ୍ନ ରୋଗୀମାନଙ୍କର ରକ୍ତହୀନତା ଦେଖାଦେଉଛି ସେ ରକ୍ତର ଆବଶ୍ୟକତାକୁ ଆମେ କିପରି ପୂରଣ କରିପାରିବା ତେଣୁ ଆମେ ସମସ୍ତେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ନିଜକୁ ଉତ୍ସର୍ଗୀକୃତ ସେବକ ବାବେ ପରିଚୟ ସୃଷ୍ଟି କରିପାରିବା ବପୋଲି ସଭାପତି ଶ୍ରୀ ସ୍ୱାଇଁ ସଭାରେ ଆଲୋଚନା କରିଥିଲେ । ସୁଙ୍ଗୁଡା ପଂଚାୟତ ନିଶିମଳା ଗ୍ରାମର ନେତ୍ରାନନ୍ଦ ବିଜେପି ଦଳ ତ୍ୟାଗ କରି ନବୀନ ପଟ୍ଟନାୟକ ଜୀବନ ନେତୃତ ପ୍ରତି ସମ୍ମାନ ଜଣାଇ ବିଜେଡି ଦଳରେ ଯୋଗଦାନ କରିଛନ୍ତି । ପ୍ରଶାନ୍ତ କୁମର ଜେନା, ମୋହନ ଖିଲାର ଦଳୀୟ ପର୍ଯ୍ୟବେକ୍ଷକ ଭାବେ ସୁଙ୍ଗୁଡା ପଡଂଚାୟତ ଦାୟିତ୍ୱ ବହନ କରିବା ପାଇଁ ସଭାପତି ଶ୍ରୀ ସ୍ୱାଇଂ ପ୍ରକାଶ କରିଥିଲା ସେମାନଙ୍କୁ ଉତରୀୟ ଓ ପୁଷ୍ପଗୁଛ ଦେଇ ସମ୍ୱର୍ଦ୍ଧିତ କରିଦେଇଥଲ ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray